

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୯୯ ଭୁବନେଶ୍ୱର ରବିବାର, ଅପ୍ରେଲ୍ ୦୬.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.199 Bhubaneswar, Sunday, April 06, 2025

## ଅଣଲେଟା ରଥରେ ଲିଙ୍ଗରାଜଙ୍କ ମାଉସୀ ଘରକୁ ଯାତ୍ରା



ଭୁବନେଶ୍ୱର,୫/୪: ପବିତ୍ର ଅଶୋକାଷ୍ଟମୀ ଅବସରରେ ପ୍ରସିଦ୍ଧ ଏକାମ୍ରକ୍ଷେତ୍ରାଧୀଶ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୫ଦିବସୀୟ ରଥଯାତ୍ରା ଶନିବାର ଠାରୁ ଆରମ୍ଭ ହୋଇଯାଇଛି। ଆଜି ଭୋର ସକାଳୁ ଆରମ୍ଭ ହୋଇଥିବା ବିଭିନ୍ନ ନୀତିକାନ୍ତି ପରେ ଅପରାହ୍ଣରେ ମହାପ୍ରଭୁଙ୍କ ରଥ ଗଡ଼ିଛି। ଭକ୍ତମାନେ ମଧ୍ୟ ମହାପ୍ରଭୁଙ୍କ ରଥକୁ ହର୍ଷୋଲ୍ଲାସର ସହିତ ଟାଣି ନେଉଛନ୍ତି। ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳିରେ ଗଗନ-ପବନ ଉଚ୍ଛୁଳିତ ଦେଖାଯାଇଛି। ସାମଗ୍ରୀକ ଭାବେ କହିବାକୁ ଗଲେ ରଥରୋଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ରଥଯାତ୍ରା ରଥଟଣା କାର୍ଯ୍ୟ ପୂର୍ବରୁ ଅପରାହ୍ଣ ସାଢ଼େ ୩ଟାରେ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ନୀତିକାନ୍ତିରେ ବିଳମ୍ବ କାରଣରୁ ବିଳମ୍ବରେ ରୁକୁଣା ରଥ ମାଉସୀ ଘଣ ଅଭିମୁଖେ ଗଡ଼ିଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରଥରୋଡରେ ଲକ୍ଷାଧିକ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ଅଣଲେଉଟା ରଥରେ ମହାପ୍ରଭୁ ମାଉସୀ ଘରକୁ ଯାଉଛନ୍ତି। ଆଜି ପ୍ରାତଃ ୫ଟାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୫ଟାରୁ ୫ଟା୩୦ ମଧ୍ୟରେ ମଙ୍ଗଳ ଆରତି ଅନୁଷ୍ଠିତ ହୋଇଥିଲା। ଏହାପରେ ସାହାଣ ମେଲା ଦର୍ଶନ ହୋଇଥିଲା। ପରେ ରୋଷ ବା ପାକ୍ ପୂଜା ଏବଂ ଛାମୁ ପରିଷ୍କାର ନୀତି ସାରି ୭ରୁ ୮ଟା ମଧ୍ୟରେ ମହାସ୍ନାନ ନୀତି ସଂପନ୍ନ କରାଯାଇଥିଲା। ଅନ୍ୟପଟରେ ମହାପ୍ରଭୁଙ୍କର ନୀତିକ୍ରାନ୍ତି ବିଳମ୍ବରେ ହେବା କାରଣରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଆଜି ଅପରାହ୍ଣରେ ଗତକାଲି ତୁଳନାରେ ଖରା ଓ ତାପମାତ୍ରା ଅଧିକ ଅନୁଭୂତ ହୋଇଥିଲା। କିନ୍ତୁ ଭକ୍ତମାନେ ଖରାକୁ ଭୟ କରିନଥିଲେ। ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇ ରହିଥିଲା। ହରିବୋଲ, ହୁଳହୁଳି ଶବ୍ଦରେ ପରିବେଶ ଫାଟି ପଡୁଥିଲା ଭକ୍ତମାନେ ଆନ୍ଦନ ଓ ଉଲ୍ଲାସର ସହ ରୁକୁଣା ରଥକୁ ଆଗକୁ ଟାଣି ନେଉଛନ୍ତି। ଶୃଙ୍ଖଳିତ ଯାତ୍ରା ଓ ଭକ୍ତମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ପୁଲିସ ମତୟନ କରାଯାଇଛି। ଡିସିପିଙ୍କ ନେତୃତ୍ୱରେ ଏକାମ୍ର କ୍ଷେତ୍ରରେ ୧୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହି ପଞ୍ଚଦିବସୀୟ ଯାତ୍ରାରେ ଏକାମ୍ରର ଆରାଧ୍ୟ ଲିଙ୍ଗରାଜ, ଦୋଳଗୋବିନ୍ଦ ଏବଂ ଭଉଣୀ ରୁକ୍ମିଣୀ ରାମେଶ୍ୱରଙ୍କ ପୀଠକୁ ଯାଉଛନ୍ତି। ୪ ଦିନ ପରେ ବାହୁଡ଼ା ଯାତ୍ରାର ଆୟୋଜନ ହେବ।

# ବାଲିଯାତ୍ରା ପଡିଆରେ 'ଆୟୁଷ୍ମାନ' ଶୁଭାରମ୍ଭ

ଭୁବନେଶ୍ୱର,୫/୪: କଟକର ପ୍ରସିଦ୍ଧ ବାଲିଯାତ୍ରା ପଡ଼ିଆରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନାର ଶୁଭାରମ୍ଭ କରିବେ। ଏନେଇ ଆଜି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିଲାଗି ବାଲିଯାତ୍ରା ପଡ଼ିଆରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗଙ୍କ ସମେତ ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ ଉପସ୍ଥିତ ରହିବେ। ଏହି ଅବସରରେ ଲୋକଙ୍କୁ ଉଭୟ 'ଆୟୁଷ୍ମାନ ଭାରତ' ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବିତରଣ କରାଯିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆୟୁଷ୍ମାନ ଭାରତ' ଅପ୍ରେଲ ମାସରୁ ଶୁଭାରମ୍ଭ ହେବ ବୋଲି ଘୋଷଣା କରିଥିଲେ। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପାଇବେ ଚିକିତ୍ସା ସୁବିଧା। ୭୦ ବର୍ଷରୁ ଅଧିକ ବୟସ୍କ ଲୋକ ଥିଲେ ପରିବାର ପିଛା ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା। ସମୁଦାୟ ୩.୫୨ କୋଟି ଲୋକ ହେବେ ଉପକୃତ। ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପୁରୁଷଙ୍କ ପାଇଁ ୫




ଲକ୍ଷ ଓ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର କ୍ୟାସଲେସ୍ ଚିକିତ୍ସା ସୁବିଧା ଉପଲବ୍ଧ କରିଛନ୍ତି ରାଜ୍ୟ ସରକାର। ଏହି ସୁବିଧା ରାଜ୍ୟ ଭିତରେ ଓ ଓଡ଼ିଶା ବାହାରେ ଥିବା ୨୯ ହଜାର ବେସରକାରୀ ହସ୍ପିଟାଲରେ ମିଳିବ। ଉଲ୍ଲେଖଯୋଗ୍ୟ, ଗତକାଲି ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱରେ ପରିଚାଳିତ ରାଜ୍ୟ ସରକାର ଆସନ୍ତା ୧୧ ତାରିଖରେ ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଶୁଭାରମ୍ଭ ହେବ। ତିନିଦିନିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆୟୁଷ୍ମାନ ଭାରତ' ଅପ୍ରେଲ ମାସରୁ ଶୁଭାରମ୍ଭ ହେବ ବୋଲି ଘୋଷଣା କରିଥିଲେ। ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପାଇବେ ଚିକିତ୍ସା ସୁବିଧା। ୭୦ ବର୍ଷରୁ ଅଧିକ ବୟସ୍କ ଲୋକ ଥିଲେ ପରିବାର ପିଛା ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା। ସମୁଦାୟ ୩.୫୨ କୋଟି ଲୋକ ହେବେ ଉପକୃତ। ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ପୁରୁଷଙ୍କ ପାଇଁ ୫ ଲକ୍ଷ ଓ ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କାର କ୍ୟାସଲେସ୍ ଚିକିତ୍ସା ସୁବିଧା ଉପଲବ୍ଧ କରିଛନ୍ତି ରାଜ୍ୟ ସରକାର। ଏହି ସୁବିଧା ରାଜ୍ୟ ଭିତରେ ଓ ଓଡ଼ିଶା ବାହାରେ ଥିବା ୨୯ ହଜାର ବେସରକାରୀ ହସ୍ପିଟାଲରେ ମିଳିବ।

## ପ୍ରତି ସଦସ୍ୟଙ୍କୁ 'ଆୟୁଷ୍ମାନ' କାର୍ଡ

ଭୁବନେଶ୍ୱର,୫/୪: ଆୟୁଷ୍ମାନ ଯୋଜନାକୁ ନେଇ ବଡ଼ ଘୋଷଣା କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ । ଏହି ଯୋଜନାରେ ରାଜ୍ୟରେ ୧ କୋଟି ୩ ଲକ୍ଷ ପରିବାରକୁ ସାମିଲ୍ କରାଯିବ । ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ ମିଳିଥିଲା । କିନ୍ତୁ ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ ମିଳିବ । ସେହିପରି ପୂର୍ବରୁ କେବଳ ୯୦୦ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ମିଳୁଥିଲା । ଏବେ ଦେଶର ୨୯ ହଜାରରୁ ଅଧିକ ହସ୍ପିଟାଲରେ ଚିକିତ୍ସା ସୁବିଧା ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ସେହିପରି ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମିଳିବ ବୟୋ ବନ୍ଦନା କାର୍ଡ । ପ୍ରେସମିଟ୍‌ରେ ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ସରକାରୀ କର୍ମଚାରୀ ହୁଅନ୍ତୁ କି ଆଇଟି ଦାଖଲ କରୁଥିଲେ ବି ମିଳିବ ଏହି କାର୍ଡ । ସେହିପରି ସମ୍ଭ୍ରାନ୍ତ ପରିବାରର ହୋଇଥିଲେ ବି ବୟୋ ବନ୍ଦନା କାର୍ଡ ମିଳିବ । ଜନସେବା କେନ୍ଦ୍ର କର୍ମଚାରୀ, ଆଶାକର୍ମୀ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ । ଗାଁକୁ ଗାଁ ବୁଲି ହିତାଧିକାରୀଙ୍କୁ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ସେପଟେ ଏପ୍ରିଲ୍ ୧୧ରେ କଟକ ବାଲିଯାତ୍ରା ପଡ଼ିଆରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ । ବାଲିଯାତ୍ରା ପଡ଼ିଆରେ ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି ମୁକେଶ ମହାଲିଙ୍ଗ । ସୂଚନା ଅନୁସାରେ, ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିବା ସହ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା । ଏଥିପାଇଁ ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଭୁବନେଶ୍ୱରରେ ପହଞ୍ଚିବେ ଏବଂ ୧୨ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଓଡ଼ିଶାରେ ରହିବେ । ଏମ୍ବରେ ଏକ ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ ନଡ୍ଡା । ଏହା ପରେ ବିଧାୟକ ଏବଂ ସାଂସଦ ମାନଙ୍କ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ । ଗସ୍ତ ଅବସରରେ ଦଳର କିଛି ନେତାଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ।

## ପିଏମ୍ ଜନମନ ଯୋଜନାରେ ଓଡ଼ିଶା ପାଇଁ ୬୯.୬୫ କୋଟି ମଞ୍ଜୁର କଲା କେନ୍ଦ୍ର

ନୂଆଦିଲ୍ଲୀ,୫/୪: ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ ଜନମନ) ଅଧୀନରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓଡ଼ିଶାର ୨୬ଟି ସଡ଼କ ଏବଂ ଦୁଇଟି ସେତୁ ପ୍ରକଳ୍ପକୁ ମଞ୍ଜୁର କରିଛି। ଏହି ଯୋଜନାରେ ରାଜ୍ୟରେ ୬୩.୨୭୧ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ମନ୍ତ୍ରଣାଳୟ ଏଥିପାଇଁ ଓଡ଼ିଶାକୁ ୬୯ କୋଟି ୬୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବ। ବର୍ତ୍ତମାନ ସୁଦ୍ଧା ପିଏମ ଜନମନ ଯୋଜନାରେ ଓଡ଼ିଶା ପାଇଁ ୨୧୧.୧୪ କିଲୋମିଟର ଲମ୍ବ ୬୬ଟି ସଡ଼କ ପ୍ରକଳ୍ପ ଏବଂ ୨ଟି ସେତୁ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏ ବାବଦରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ୨୧୯ କୋଟି ୪୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ ପିଏମ୍ ଜନ ମନ ଯୋଜନାରେ, ଅତି ପଛୁଆ ଜନଜାତି ଗୋଷ୍ଠୀ (ପିଭିଟିଜି) ବସତିକୁ ସବୁଦିନିଆ ସଡ଼କ ଯୋଗାଯୋଗ ପ୍ରଦାନ କରାଯାଉଛି। ଏହାଦ୍ୱାରା ପିଭିଟିଜି ସମ୍ପ୍ରଦାୟ ବହୁଳ କ୍ଷେତ୍ରରେ ସାମାଜିକ ଓ ଆର୍ଥିକ ଉନ୍ନତି ହୋଇପାରିବ। ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବ, ଉପାନ୍ତ ଗାଁ ଓ ସହରୀ କେନ୍ଦ୍ର ମଧ୍ୟରେ ବ୍ୟବଧାନ ଦୂର ହେବ। ସ୍ଥାନୀୟ ଅଞ୍ଚଳର ବିକାଶ ସହ ବାଣିଜ୍ୟ କାରବାର, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ବଜାର ଭଳି ସୁବିଧାସୁଯୋଗ ପହଞ୍ଚି ପାରିବ। ଏହାଦ୍ୱାରା ରୋଜଗାର ସୃଷ୍ଟି ହେବା ସହିତ ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ। ପିଏମ ଜନମନ ଯୋଜନାକୁ ବିକଶିତ ଭାରତ ଦୃଷ୍ଟିକୋଣ ନେଇ ପ୍ରସ୍ତୁତ କରାଯାଇଛି। ଏହା ଅଧୀନରେ ନିର୍ମାଣ କରାଯାଉଥିବା ପ୍ରକଳ୍ପଗୁଡ଼ିକର ପରିବର୍ତ୍ତନକାରୀ ପ୍ରଭାବ ଜନଜାତୀୟ ସମୁଦାୟର ବିକାଶ ଓ ସମୃଦ୍ଧିରେ ଯୋଗଦାନ କରିବା ସହିତ ସେମାନଙ୍କର ସମାବେଶୀ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ମଜଭୁତ ହେବ।

## ଅପ୍ରେଲ ୭ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୫/୪: ଆସନ୍ତା ସୋମବାର ଅପ୍ରେଲ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ସୋମବାର ୟୁନିଟ-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



## ବାୟୋ ମିଥାନେସନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର,୫/୪: କଟକର ଜଗତପୁର ଅଞ୍ଚଳରେ ୨୦୦ ଟନ୍ ବିଶିଷ୍ଟ ବାୟୋ ମିଥାନେସନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଜି କଟକ ମହାନଗର ନିଗମ ଏବଂ ଅଏଲ ଇଣ୍ଡିଆ ଲିମିଟେଡ଼ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହେବାକୁ ଥିବା ଏହି ପରିବେଶ ଅନୁକୂଳ ବାୟୋ-ଗ୍ୟାସ୍ ପ୍ରକଳ୍ପ, ଇନ୍ଧନ ତୈଳର ଏକ ବିକଳ୍ପ ଭାବେ ବ୍ୟବହାର ହୋଇପାରିବ ଏବଂ ଏଥିରୁ ଉତ୍ପାଦିତ ଜୈବସାର, ଅର୍ଗାନିକ ଫାର୍ମିଂକୁ ମଧ୍ୟ ପ୍ରୋତ୍ସାହିତ କରିବକ୍ଷ ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ଅପରିଚାଳିତ ବର୍ଜ୍ୟବସ୍ତୁର ପ୍ରକ୍ରୀୟାକରଣ କରାଯାଇପାରିବ ଏବଂ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସହ ଲୋକମାନଙ୍କର ଜୀବନଧାରଣର ମାନ ବୃଦ୍ଧି ହେବକ୍ଷ ଏହାସହ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହେବାକୁ ଥିବା ଏହି ପରିବେଶ ଅନୁକୂଳ ବାୟୋ-ଗ୍ୟାସ୍ ପ୍ରକଳ୍ପ, ଇନ୍ଧନ ତୈଳର ଏକ ବିକଳ୍ପ ଭାବେ ବ୍ୟବହାର ହୋଇପାରିବ ଏବଂ ଏଥିରୁ ଉତ୍ପାଦିତ ଜୈବସାର, ଅର୍ଗାନିକ ଫାର୍ମିଂକୁ ମଧ୍ୟ ପ୍ରୋତ୍ସାହିତ କରିବ। ସିଡ଼ିଏ କାର୍ଯ୍ୟାଳୟ ଠାରେ କଟକ ଉନ୍ନୟନ କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କଟକର ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ଭୁଶୁଡୁଛି ଲାଲଗଡ଼: ତେଲେଙ୍ଗାନାରେ ଆତ୍ମସମର୍ପଣ କଲେ ଛତିଶଗଡ଼ର ୮୬ ମାଓବାଦୀ

ହାଇଦ୍ରାବାଦ/ମାଲକାନଗିରି,୫/୪: ପୁଣି ପୁଲିସ ପାଖରେ ଆତ୍ମସମର୍ପଣ କଲେ ମାଓବାଦୀ। ତେଲେଙ୍ଗାନାରେ ଆତ୍ମସମର୍ପଣ କଲେ ଛତିଶଗଡ଼ର ୮୬ ମାଓବାଦୀ। ଭଦ୍ରାଦ୍ରୀ କୋଥାଗୁଡେମ୍ ଜିଲ୍ଲାରେ ନକ୍ସଲଙ୍କ ଆତ୍ମସମର୍ପଣ। ତେବେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଭିତରୁ ୨୦ ଜଣ ମହିଳା ମାଓବାଦୀ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ଛତିଶଗଡ଼ର ବିଜାପୁର ଏବଂ ସୁକମା ଅଞ୍ଚଳର ସୂଚନା। ତେବେ ଜଙ୍ଗଲରେ ଏଭଳି ହିଂସ୍ର ଜୀବନ ଛାଡି ସେମାନେ ସେମାନଙ୍କ ପରିବାର ସହ ବାକି ତକ ଜୀବନ ବିତାଇବାକୁ ଆତ୍ମସମର୍ପଣ କରିଥିବା କହିଛନ୍ତି । ପୂର୍ବରୁ ବିଜାପୁର ଜେଲରେ ୫୦ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରି ସାରିଛନ୍ତି। ସେପଟେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବସ୍ତର ଗସ୍ତ ସମୟରେ ନକ୍ସଲ ବିରୋଧୀ ଅଭିଯାନକୁ ମିଳିଛି ଏହି ବଡ ସଫଳତା। ଏହି ଘଟଣା ପରେ ସୁରକ୍ଷା ବଳ ଓ ସରକାରଙ୍କ ରଣନୀତିକୁ ଶକ୍ତି ଯୋଗାଇବ ବୋଲି କୁହାଯାଉଛି। ଭଦ୍ରାଦୀ କଥାଗୁଡୁମ ଜିଲ୍ଲା ପୁଲିସ ନିକଟରେ ୮୧ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବା ବେଳେ ସେଥିରୁ ଏସିଏମ ଜଣେ,ପାର୍ଟି ମେମ୍ବର ୩ ଜଣ,ମିଲିସିଆ ସଦସ୍ୟ ୨୭ ଜଣ,କମିଟି ସଦସ୍ୟ ୮ ଜଣ,ଡିଏକେଏମଏସ ସଦସ୍ୟ ୨୦ ଜଣ,ସିଏନଏମ ସଦସ୍ୟ ୧୩ ଜଣ ଏବଂ ଜିଆରଡି ସଦସ୍ୟ ୯ ଜଣ। ସେହିପରି ମୁଲୁଗୁ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ୫ ଜଣ ନକ୍ସଲ ମଧ୍ୟରୁ ଏସିଏମ ୩ ଜଣ,ପାର୍ଟି ମେମ୍ବର ଜଣେ ଏବଂ ମିଲିସିଆ କମାଣ୍ଡର ଜଣେ। ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି। ସମସ୍ତ ନକ୍ସଲ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଏହି ନକ୍ସଲମାନେ ଦୀର୍ଘ ଦିନରୁ ଛତିଶଗଡ ବିଜାପୁର, ସୁକମା ଓ ଦାନ୍ତେୱାଡାରେ ନକ୍ସଲ ଅପରେସନରେ ସକ୍ରିୟ ଥିଲେ।

## ବିଜେଡିରେ ବିରାଟ ଫାଙ୍କ, ବିଜୁ ଆଉ ପାଣ୍ଡିଆନ ଲୋକ ଭାଗଭାଗ': ତାରା ବାହିନୀପତି

ଭୁବନେଶ୍ୱର, ୫/୪: ବିଜେଡିକୁ ନେଇ ବିସ୍ଫୋରକ ବୟାନ ଦେଲେ କଂଗ୍ରେସ ବିଧାୟକ ତାରା ବାହିନୀପତି । କହିଲେ, ବିଜେଡିରେ ଏବେ ବିରାଟ ଫାଙ୍କ । ବିଜୁ ଆଉ ପାଣ୍ଡିଆନ ଲୋକ ଭିତରେ ଭାଗଭାଗ । ବିଜେଡି ଏବେ ଡ୍ରାମା କରୁଛି । ବିଜେଡି ସବୁବେଳେ ବିଜେପି ସାଙ୍ଗରେ ରହିଛି । ଆଜି ନୁହେଁ ୨୦୦୦ ମସିହାରୁ ବିଜେପି ସାଙ୍ଗରେ ବିଜେଡି ରହିଛି । ରାଜ୍ୟରେ ସରକାର ବିଜେଡିର ନାହିଁ କିନ୍ତୁ ସଂସଦରେ ସମର୍ଥନ ଦେଉଛନ୍ତି । ବିଲ୍‌କୁ ବିରୋଧ ପାଇଁ ଘୋଷଣା କରିଥିଲେ କିନ୍ତୁ ରାତାରାତି ବଦଳି ଗଲେ । ବିଜେଡି ଭୟରେ ଏ ସବୁ ଖେଳ ଖେଳୁଛି । ବିଜେଡିର ହଜାର ହଜାର କୋଟି ଟଙ୍କାର ମାଇନ୍ସ ସ୍କାମ୍ ରହିଛି । ନବୀନ ବାବୁଙ୍କ ବିଜେପି ପ୍ରତି ପ୍ରେମ ନୁହେଁ ଭୟ । ପାଣ୍ଡିଆନ୍ ଘର ଭିତରେ ରହି ଗୋଟି ଚାଳନା କରୁଛନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରା ବାହିନୀପତି । ସେପଟେ ୱକ୍‌ଫ ବିଲ୍ ସପକ୍ଷରେ ବିଜେଡି ସାଂସଦ ସସ୍ମିତ ପାତ୍ର ଭୋଟ୍ ଦେବାକୁ ନେଇ ଦଳ ଭିତରେ ବଢୁଛି ଅସନ୍ତୋଷ । ପ୍ରଫୁଲ୍ଲ ସାମଲ କାର୍ଯ୍ୟାନୁଷ୍ଠାନ ଦାବି କରି ନବୀନଙ୍କୁ ଚିଠି ଲେଖିଥିବା ବେଳେ ଆଜି ପୁଣି ଥରେ ସସ୍ମିତଙ୍କୁ ଟାର୍ଗେଟ କରିଛନ୍ତି ବରିଷ୍ଠ ବିଧାୟକ ବଦ୍ରି ପାତ୍ର । ସେ କହିଛନ୍ତି, ସସ୍ମିତ ଏତେ ବଡ଼ ସାହସ କଲେ କେମିତି । ଦଳ ସମଦୂରତା ନୀତି ରଖି ଚାଲୁଥିଲା । କିନ୍ତୁ ଏହି ନିଷ୍ପତ୍ତି ଅନୁରୂପ ହେଲାନି । କିଏ ଗୋଟେ ଖେଳ କଲା । କେଉଁଠି ଖେଳ ହୋଇଛି ତାହା ଜାଣିବା ଆବଶ୍ୟକ । ଦଳ ସଭିପତି ନବୀନ ବାବୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ ହେଲା କେମିତି ? ଦଳ ଏବେ ଧର୍ମ ସଙ୍କଟରେ ବୋଲି ବଦ୍ରି ପାତ୍ର କହିଛନ୍ତି ।

# ଓଡ଼ିଶା ଚାଷୀଙ୍କୁ ଛତିଶଗଡ଼ର ଉପହାସ

### କେଲୋ ନଦୀରେ କରିଛି ବ୍ୟାରେଜ୍, ଦୁର୍ଗନ୍ଧ ହେଲେ ଛାଡ଼ିଦେଉଛି ଡ୍ରେନ୍ ପାଣି

ଭୁବନେଶ୍ୱର,୫/୪: ମହାନଦୀ ଜଳବିବାଦର ସମାଧାନ ଏଯାଏଁ ହୋଇନାହିଁ। ଏବେ ପୁଣି ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଥିବା ଲଖନପୁର ବ୍ଲକ୍‌ର ୧୯ ଖଣ୍ଡ ମୌଜାର ଜୀବନରେଖା କୁହାଯାଉଥିବା କେଲୋ ନଦୀର ମଧ୍ୟ ତଣ୍ଟି ଚିପି ସାରିଲାଣି ଛତିଶଗଡ଼। ରାଜ୍ୟ ସରକାରଙ୍କ ଆଖିରେ ଧୂଳି ଦେଇ ଛତିଶଗଡ଼ ସରକାର ଓଡ଼ିଶା ସୀମାରୁ ଅଳ୍ପ ଦୂର କେଲୋ ନଦୀରେ ଦୁଇଟି ପ୍ରକଳ୍ପ ନିର୍ମାଣ କରିଛନ୍ତି। ଗତ ଗ୍ରୀଷ୍ମରୁ ରାୟଗଡ଼ ଜିଲ୍ଲା ଭାଥେନ୍‌ପାଲି ବ୍ୟାରେଜ୍ ମଧ୍ୟ କାର୍ଯ୍ୟକ୍ଷମ ହେଲାଣି। ଏଭଳି ସ୍ଥିତିରେ ଲଖନପୁର ବ୍ଲକ୍‌ର ୩ଟି ପଞ୍ଚାୟତର ଚାଷୀ ବର୍ତ୍ତମାନ ଛତିଶଗଡ଼ ଭରସାରେ ରହିଛନ୍ତି। ରାୟଗଡ଼ର ଡ୍ରେନ୍ ପାଣି କେଲୋ ନଦୀରେ ମିଶୁଛି। ଦୁର୍ଗନ୍ଧ ହେଲେ ଓଡ଼ିଶା ପଟକୁ କିଛି ସମୟ ପାଇଁ ପାଣି ଛାଡ଼ି ଦିଆଯାଉଛି, ନ ହେଲେ ଓଡ଼ିଶା ପଟ ଶୁଖିଲା ଅବସ୍ଥାରେ ରହୁଛି। ଛତିଶଗଡ଼ର କେଲୋ ଡ୍ୟାମ୍ ଯୋଗୁଁ ଅଣମୌସୁମୀ ଋତୁରେ ଓଡ଼ିଶା ଦେଇ ପ୍ରବାହିତ କେଲୋ ନଦୀରେ ମରୁଭୂମି ଭ୍ରମ ସୃଷ୍ଟି ହେଉଛି। ଏବେ ପୁଣି ଭାଥେନ୍‌ପାଲି ବ୍ୟାରେଜ୍ କାର୍ଯ୍ୟକ୍ଷମ ହୋଇ ଯାଇଥିବାରୁ କେଲୋ ନଦୀରେ ଜଳ ପ୍ରବାହ ଏକପ୍ରକାର ବନ୍ଦ ହୋଇଯାଇଛି। ନେତନଗରଠାରେ ଆଉ ଏକ ଜଳ ସଂରକ୍ଷଣ ପ୍ରକଳ୍ପ ତଥା ଆନିକଟ ନିର୍ମାଣ ଆରମ୍ଭ ହୋଇଛି। ଏହି ଆନିକଟ ୨୬୦ ହେକ୍ଟର ଜମିକୁ ଜଳସେଚନ କରିବ ବୋଲି ଛତିଶଗଡ଼ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ନେତନଗର ସମେତ ନାଭାପାଲି, ବିଞ୍ଝକୋଟ, ଏକତାଲ, ରେଙ୍ଗାଲପାଲି ଚାଷୀଙ୍କ ସୁବିଧା ହେବ ବୋଲି କୁହାଯାଉଛି। କିନ୍ତୁ ଓଡ଼ିଶା ପାର୍ଶ୍ୱରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। କେଲୋ ନଦୀ ଉପରେ ଲଖନପୁର ବ୍ଲକ୍‌ର କନକତୋରା, ପିଥିଣ୍ଡା ଓ ବାଦୀମାଲ ପଞ୍ଚାୟତର ୧୦ରୁ ଅଧିକ ଗ୍ରାମର ଲୋକେ ନିର୍ଭରଶୀଳ। ପୂର୍ବରୁ ଏହି ଅଞ୍ଚଳ ରବି ଚାଷ ପାଇଁ ବେଶ୍ ପରିଚିତ ଥିଲା। କିନ୍ତୁ ଏବେ ନଦୀରେ ପାଣି ରହୁନଥିବାରୁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟ କରୁନି। ଏହି ଅଞ୍ଚଳରେ ଉଠା ଜଳସେଚନ ବିଭାଗର ୧୨ଟି ପଏଣ୍ଟ ଥିବା ବେଳେ ସେଥିରୁ ୫ଟି ପଏଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇ ରହିଛି। ପାଣି ନଥିବାରୁ ଅନ୍ୟ ୭ଟି ପଏଣ୍ଟ କେବେ ଚାଲିଲେ କେବେ ଚାଲୁନି। ଛତିଶଗଡ଼ର ରାୟଗଡ଼ ଜିଲ୍ଲା ଦେଇ ଆସୁଥିବା କେଲୋ ନଦୀରେ ସହରର ସମସ୍ତ ଡ୍ରେନ୍ ପାଣି ମିଶୁଛି। ଫଳରେ ସେଠାରେ ପାଣିରୁ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗ ହେଲେ କିଛି ସମୟ ଲାଗି ପାଣି ଓଡ଼ିଶା ପାର୍ଶ୍ୱକୁ ଛାଡ଼ି ଦିଆଯାଉଛି। ସେହି ପାଣି ଚାଷ ପାଇଁ ପର୍ଯ୍ୟାପ୍ତ ନଥିବା ବେଳେ ଗାଧୋଇଲେ ଚର୍ମରୋଗ ହେଉଥିବା ତଥା ଉକ୍ତ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



# ରାଜ୍ୟସ୍ତରୀୟ ଅମର ଶହୀଦ ରଘୁ-ଦିବାକରଙ୍କ ଶ୍ରାଦ୍ଧଦିବସ

## ରଘୁ-ଦିବାକରଙ୍କ ଜୀବନ ଓ ଆଦର୍ଶ ଆମ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ, ସେମାନଙ୍କ ବଳିଦାନ ଆମ ଉତ୍ତରପିଢ଼ିକୁ ସବୁବେଳେ ଅନୁପ୍ରାଣିତ କରୁଥିବ

ଭୁବନେଶ୍ୱର,୫/୪: ବ୍ରିଟିଶ ସରକାରଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା । ଏହି ସଂଗ୍ରାମର ପୁରୋଧା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ବ୍ରିଟିଶ ସରକାର ଫାଶୀଖୁଣ୍ଟରେ ଝୁଲାଇ ଦେଇଥିଲେ । ତାଙ୍କର ଏହି ବଳିଦାନର ପ୍ରତିବଦଳରେ ଦେଶରୁ ଅତ୍ୟାଚାରୀ ଇଂରେଜ ଶାସନ ତଥା ରାଜାରାଜୁଡ଼ା ଶାସନର ଅବସାନ ଘଟିଲା। ଓଡ଼ିଶା ମାଟିର ସେହି ସୁଯୋଗ୍ୟ ବରପୁତ୍ରମାନଙ୍କ ବୀରତ୍ୱର ଇତିହାସ ପାଇଁ ଆଜି ଆମେ ଗର୍ବିତ ବୋଲି ସ୍ଥାନୀୟ ଜୟଦେବ ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଅମର ଶହୀଦ ରଘୁ-ଦିବାକରଙ୍କ ଶ୍ରାଦ୍ଧଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଅମର ଶହୀଦ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ପାଳନ ଅବସରରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ରଣପୁର ପ୍ରଜା ଆନ୍ଦୋଳନର ପୁରୋଧା ସାଜି ବ୍ରିଟିଶ ତଥା ରାଜାଙ୍କର କୁଶାସନ ବିରୁଦ୍ଧରେ ଦୁର୍ବାର ସଂଗ୍ରାମ କରି ସହିଦ ରଘୁ-ଦିବାକର ଜୀବନ ଉତ୍ସର୍ଗ କରିଥିଲେ । ଏହି ଉଦୀୟମାନ ତରୁଣମାନେ ବିଦ୍ରୋହୀ ଭାବାପନ୍ନ ହୋଇଯିବା ପଛରେ ରହିଥିଲା ତତ୍କାଳୀନ ରଣପୁର ଗଡ଼ଜାତର ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପରିସ୍ଥିତି । ଦିବାକରଙ୍କ ଏକ ବିପ୍ଳବୀ କବିତା ଆବୃତ୍ତି କରିବା ଛଳରେ ବାଚସ୍ପତି କହିଲେ ଯେ ସେ ତାଙ୍କ କଲମ ମୁନରେ ଏ ଜାତି ପାଇଁ ଅନେକ କିଛି ବାର୍ତ୍ତା ଦେଇ ଯାଇଛନ୍ତି । ଅତ୍ୟାଚାରୀ ପଲିଟିକାଲ ଏଜେଣ୍ଟ ବେଜେଲ୍‌ଗେଟ୍‌ଙ୍କ ହତ୍ୟା ପାଇଁ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ଉଭୟଙ୍କୁ ୧୯୪୧ ମସିହା ଅପ୍ରେଲ ୪ ତାରିଖରେ ବିହାରର ଭାଗଲପୁର ଜେଲରେ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଦୁଇଟି ସଂଗ୍ରାମୀ ଜୀବନ ଅକାଳରେ ଝଡିଗଲା । ତାଙ୍କର ଏହି ବଳିଦାନର ପ୍ରତିବଦଳରେ ଦେଶରୁ ଅତ୍ୟାଚାରୀ ଇଂରେଜ ଶାସନ ତଥା ରାଜାରାଜୁଡ଼ା ଶାସନର ଅବସାନ ଘଟିଲା। ରଘୁ-ଦିବାକରଙ୍କ ଜୀବନ ଓ ଆଦର୍ଶ ଆମ ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ । ଏହା ଆମ ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ, ମା' ମାଟିର ସେବା ପାଇଁ ଶହୀଦ ରଘୁ-ଦିବାକର ଚିରସ୍ମରଣୀୟ ହୋଇ ରହିବେ ବୋଲି ଶ୍ରୀମତୀ ପାଢ଼ୀ ମତପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ନୟାଗଡ଼ ଜିଲ୍ଲା ଖାଉଟି ଆୟୁକ୍ତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ ସହିଦ ରଘୁ ଦିବାକର ଥିଲେ ରଣପୁର ମାଟିର ସୁଯୋଗ୍ୟ ସନ୍ତାନ । ଦେଶମାତୃକା ପାଇଁ ପ୍ରାଣାବଳୀ ଦେଇ ଦୁର୍ଲ୍ଲଭ ମଣିଷ ଜନ୍ମକୁ ସାର୍ଥକ କରିଛନ୍ତି । ଅତ୍ୟାଚାରୀ ରାଜତନ୍ତ୍ର ଶାସନରେ ରଣପୁରବାସୀଙ୍କର ସ୍ୱାଧୀନତା ଛଡାଇ ନିଆ ଯାଇଥିଲା । ନିଷ୍ପେସିତ ପ୍ରଜାମାନେ ହାହାକାର କରୁଥିବା ବେଳେ ରଘୁ-ଦିବାକର ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେମାନଙ୍କର ତ୍ୟାଗ, ବଳିଦାନ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମକୁ ଇନ୍ଧନ ଯୋଗାଇଥିଲା । ସେମାନଙ୍କର ସଂଗ୍ରାମର ଗାଥା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟବକ୍ତା କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଖଣ୍ଡପଡ଼ାର ମାନ୍ୟବର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ରଣପୁର ଆନ୍ଦୋଳନ ଏକ ଯୁଗାନ୍ତକାରୀ ଘଟଣା । ଏହି ମାଟିର ସୁଯୋଗ୍ୟ ସନ୍ତାନ ରଘୁ-ଦିବାକର ଇଂରେଜ ସରକାର ବିରୋଧରେ ଲଢି ଶହୀଦ ହୋଇଥିଲେ । ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଫାଶୀବରଣ କରିବାରେ ସେମାନେ ଥିଲେ ପ୍ରଥମ ଶହୀଦ । ତାଙ୍କ ଶ୍ରାଦ୍ଧ ଦିବସରେ ଆମେ ସମସ୍ତେ ରଘୁ-ଦିବାକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ସେମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ନୟାଗର ଗବାଣୀକିଲୋ ମହାବିଦ୍ୟାଳୟର ଅଧାପିକା ସୌଦାମିନୀ ପାଇକରାୟ କହିଲେ ଯେ ରଣପୁରର ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ କରି ସହିଦ ହୋଇଥିଲେ ଦୁଇ ସଂଗ୍ରାମୀ ରଘୁ-ଦିବାକର । ରଘୁ-ଦିବାକରଙ୍କ ବଳିଷ୍ଠ ନେତୃତ୍ୱ, ସତ୍ୟାଗ୍ରହୀମାନଙ୍କ ଧୈର୍ଯ୍ୟ ଓ ମନୋବଳ ଆଗରେ ସମଗ୍ର ରଣପୁର ରାଜ୍ୟ ଏକଜୁଟ ହୋଇ ସ୍ୱେଚ୍ଛାଚାରୀ ରାଜକୀୟ ଶାସନକୁ ବିରୋଧ କରିଥିଲେ । ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ ଶହୀଦ ରଘୁ-ଦିବାକର ଚିରସ୍ମରଣୀୟ ହୋଇ ରହିବେ ବୋଲି ସେ ମତପ୍ରକାଶ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ, ବୈଷୟିକ ସୁରେନ୍ଦ୍ରନାଥ ପରିଡ଼ା କାର୍ଯ୍ୟକ୍ରମରେ ସ୍ୱାଗତଭାଷଣ ପ୍ରଦାନପୂର୍ବକ ଅନ୍ୟାୟ ଅନୀତି ବିରୁଦ୍ଧରେ ରଘୁ-ଦିବାକରଙ୍କ ସାଲିସ୍‌ବିହୀନ ସଂଗ୍ରାମ ଓ ବଳିଦାନ ଉତ୍ତରପିଢ଼ିଙ୍କ ପାଇଁ ଚିର ପ୍ରେରଣାଦାୟୀ ହୋଇ ରହିବ ବୋଲି କହିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥିମାନେ ଅମର ଶହୀଦ ରଘୁ-ଦିବାକରଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ଶ୍ରୀ ଗୌରାଙ୍ଗ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର ସୁଧା ସଂଗୀତ ସଦନ ତରଫରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା ଏବଂ ଖୋର୍ଦ୍ଧା ପାଇକ ଆଖଡ଼ା ସଙ୍ଘ ତରଫରୁ ଚିତ୍ତାକର୍ଷକ ପାଇକ ନୃତ୍ୟ ପରିବେଷଣ କରାଯାଇଥିଲା । ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜୟଦେବ ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସକାଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସ୍ଥାନୀୟ ୟୁନିଟ ୯ ସ୍ଥିତ ସହିଦ ରଘୁ- ଦିବାକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ, ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ପୂଜ୍ୟାପୂଜା ସଂସ୍କୃତି ସୁରକ୍ଷା ଅଭିଯାନର କର୍ମକର୍ତ୍ତାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ, ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।



## ଏସଡିପିଓ କାର୍ଯ୍ୟାଳୟ ଭଙ୍ଗା ପାଚେରୀ ନିର୍ମାଣ ବେଳେ ବନବିଭାଗର ବିରୋଧ



ଆଠଗଡ,୫/୪: ଏସଡିପିଓଙ୍କ କାର୍ଯ୍ୟାଳୟର ଭଙ୍ଗା ପାଚେରୀ ନିର୍ମାଣ ବେଳେ ବନ ବିଭାଗର କର୍ମଚାରୀଙ୍କ ବିରୋଧ ଯୋଗୁଁ ଠିକାଦାର କାମ କରିପାରିଲେ ନାହିଁ। ପୁଲିସ ପ୍ରଶାସନ ଓ ବନ ବିଭାଗ ମଧ୍ୟରେ ଗତ କିଛିଦିନ ହେବ ଚାଲିଥିବା ଏଭଳି ବାଦବିବାଦ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶଯୋଗ୍ୟ, ଆଠଗଡ ଚାନ୍ଦବାଲି ଛକଠାରେ ଆଠଗଡ ତହସିଲ ଅନ୍ତର୍ଗତ ନିଜିଗଡ ଖାତା ନମ୍ବର ୭୮୬, ପ୍ଲଟ ନମ୍ବର ୧୫୯୬ରେ ରହିଛି ୯ ଏକର ଜାଗା। ଏହି ଜାଗାରେ ଏସଡିପିଓଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଅଧିକାରୀଙ୍କ ବାସଗୃହ ତଥା ଡିଏଫଓଙ୍କ ସରକାରୀ ବାସଭବନ ରହିଛି। ଗତ ଫେବୃୟାରୀ ମାସରେ ଆଠଗଡର ତତ୍କାଳୀନ ଏସଡିପିଓଙ୍କ ବଦଳି ପରେ ହଠାତ ତାଙ୍କ କାର୍ଯ୍ୟାଳୟ ପାଚେରୀର ପଛ ପାର୍ଶ୍ୱରେ ୧୨ ଫୁଟର ପାଚେରୀକୁ ବନ ବିଭାଗ କର୍ମଚାରୀ ଭାଙ୍ଗି ଦେଇଥିଲେ। ଏ ବିଷୟରେ ବନ ବିଭାଗର ଅଧିକାରୀଙ୍କୁ ଏସଡିପିଓ କାର୍ଯ୍ୟାଳୟର ଅଧିକାରୀ ପଚାରିବାରେ ଡିଏଫଓଙ୍କ ବାସଭବନରେ କିଛି କାର୍ଯ୍ୟ ପାଇଁ ପାଚେରୀ ଭଙ୍ଗାଯାଇଥିବା ଏବଂ କାର୍ଯ୍ୟ ସରିଲେ ପାଚେରୀ ପୁନଃ ନିର୍ମାଣ କରିଦେବେ ବୋଲି କହିଥିଲେ। ପୁନର୍ବାର ବନ ବିଭାଗ ଏସଡିପିଓ କାର୍ଯ୍ୟାଳୟର ଉତ୍ତର ପାର୍ଶ୍ୱରେ ପ୍ରାୟ ୯୦ ଫୁଟ ଲମ୍ବ ପାଚେରୀକୁ ଭାଙ୍ଗି ଦିଆଯାଇଥିଲା। ସମସ୍ତ ପଥର ତଥା ଆଠଗଡ ଥାନା ପକ୍ଷରୁ ଜବତ କିଛି ଲୁହା ଯନ୍ତ୍ରପାତି ଓ ଜବତ ଗାଡିର ଯନ୍ତ୍ରାଂଶ ମଧ୍ୟ କେହି ନେଇଯାଇଥିଲେ। ଏ ବିଷୟରେ ଏସଡିପିଓ କାର୍ଯ୍ୟାଳୟ ପକ୍ଷରୁ ମାର୍ଚ୍ଚ ୧୪ ତାରିଖରେ ଆଠଗଡ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଭଙ୍ଗା ଯାଇଥିବା ଜାଗାକୁ ବନ ବିଭାଗ ଅକ୍ତିଆର କରିବା ପାଇଁ ଉଦ୍ୟମ କରୁଛି ବୋଲି ଏସଡିପିଓ କାର୍ଯ୍ୟାଳୟ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପରେ ବନ ବିଭାଗର ଲିଜ ଆବେଦନକୁ ସ୍ଥଗିତ ରଖାଯାଇଥିଲା। ଏସଡିପିଓ କାର୍ଯ୍ୟାଳୟର ପରାମର୍ଶ କ୍ରମେ ପୂର୍ତ୍ତ ବିଭାଗ ଭଙ୍ଗା ପାଚେରୀ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଶୁକ୍ରବାର ଠିକାଦାର ନିର୍ମାଣ କରିବା ପାଇଁ ଆସି କାର୍ଯ୍ୟ କରୁଥିବା ବେଳେ ବନ ବିଭାଗର କର୍ମଚାରୀମାନେ ବିରୋଧ କରିବା ସହ ନିର୍ମାଣ ସ୍ଥଳରେ ବନ ବିଭାଗ ଗାଡ଼ି ରଖି କାର୍ଯ୍ୟ ବନ୍ଦ କରିଥିଲେ। ଏହା ପରେ ଏସଡିପିଓ ବିଶ୍ୱଜିତ ମହାନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆଠଗଡ ଆଇଆଇସି ସୁମତି ମହାନ୍ତିଙ୍କ ଉପସ୍ଥିତିରେ ବନ୍ଦ କରାଯାଇଥିବା ଖନନ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି ବୋଲି ଜଣାପଡିଛି । ତୁରନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାଚେରୀ ନିର୍ମାଣ କରାଯିବା ସହ ଭଙ୍ଗା ଯାଇଥିବା ଅଞ୍ଚଳକୁ ଅକ୍ତିଆର କରାଯିବ ବୋଲି ଏସଡିପିଓ ମହାନ୍ତି ପ୍ରକାଶ କରିଛନ୍ତି।

# ୱାକଫ୍ ସଂଶୋଧନ ବିଲ୍ ନେଇ ବିଜେଡି ଦୁଇଫାଳ





ଭୁବନେଶ୍ୱର,୫/୪: ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଲ୍ ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଏହି ବିଲ୍‌କୁ ବିରୋଧ କରାଯିବ ବୋଲି ବିଜେଡି ପୂର୍ବରୁ ନିଷ୍ପତ୍ତି ନେଇଥିବାବେଳେ ହଠାତ୍ କାହିଁକି ଆଭିମୁଖ୍ୟରେ ପରିବର୍ତ୍ତନ ହେଲା; ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ୱାକଫ୍ ସଂଶୋଧନ ବିଲ୍ ସପକ୍ଷରେ ବିଜେଡିର ରାଜ୍ୟସଭା ସଦସ୍ୟ ଭୋଟ୍ ଦେବା ପରେ ଦଳ ଭିତରେ ବିସ୍ଫୋରକ ପରିସ୍ଥିତି ସୃ?ଷ୍ଟି ହୋଇଛି। ଏହାକୁ ନେଇ ଖୋଲାଖୋଲି ଭାବେ ବରିଷ୍ଠ ନେତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ନିଷ୍ପତ୍ତି ପରିବର୍ତ୍ତନ ପଛରେ କିଛି ଖେଳ ହୋଇଥିବା ସନ୍ଦେହ କରୁଛନ୍ତି। ଦଳର ଏପରି ପରିବର୍ତ୍ତିତ ଆଭିମୁଖ୍ୟ ବିରୋଧରେ ବରିଷ୍ଠ ନେତାମାନେ ଏକାଠି ହୋଇଥିଲେ। ତେବେ ଧର୍ମନିରପେକ୍ଷ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବନି ବୋଲି କହି ବିଜେଡି ସଭାପତି ନବୀନ ପଟ୍ଟନାୟକ ଅସନ୍ତୋଷ ପ୍ରଶମିତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ହେଲେ ଗଣମାଧ୍ୟମରେ ନେତାଙ୍କ ବୟାନବାଜିରୁ ଅସନ୍ତୋଷ ବାରି ହେଉଛି। ସୂଚନା ଅନୁସାରେ, ୱାକଫ୍ ସଂଶୋଧନ ବିଲ୍‌କୁ ନେଇ ରାଜ୍ୟସଭାରେ ବିଜେଡି ଦୁଇଭାଗ ହୋଇଯାଇଛି। ଡ. ସସ୍ମିତ୍ ପାତ୍ର ବିଲ୍ ସମର୍ଥନରେ ଭୋଟ ଦେଇଥିବାବେଳେ ମୁନ୍ନା ଖାଁ ବିଲ୍ ବିରୋଧରେ ଭୋଟ୍ ଦେଇଛନ୍ତି। ଦେବାଶିଷ ସାମନ୍ତରାୟ ଭୋଟ୍ ଦେଇନାହାନ୍ତି। ଅନ୍ୟ ୪ଜଣଙ୍କ କଥା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସେମାନେ ବିଲ୍ ସପକ୍ଷରେ ଭୋଟ୍ ଦେଇଥିବା ଚର୍ଚ୍ଚା ହେଉଛି। ଦଳୀୟ ନିଷ୍ପତ୍ତିକ୍ରମେ ଗୁରୁବାର ରାଜ୍ୟସଭା ଆଲୋଚନାରେ ଭାଗନେଇ ବିଲ୍‌କୁ ତୀବ୍ର ବିରୋଧ କରିଥିଲେ ମୁନ୍ନା। ତେବେ ଡ. ପାତ୍ରଙ୍କର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଆସିବା ପରେ ବିଜେଡିର ପୂର୍ବ ନିଷ୍ପତ୍ତି ବଦଳି ଯାଇଥିଲା। ବିବେକାନୁମୋଦିତ ଭୋଟ୍ ଦେବା ପାଇଁ ସାଂସଦଙ୍କୁ କୁହାଗଲା। ହ୍ୱିପ୍ ଜାରି ହେଲା ନାହିଁ। ଦଳର ଆଭିମୁଖ୍ୟ ହଠାତ୍ କାହିଁକି ବଦଳିଲା, ତାହା ବରିଷ୍ଠ ନେତା ମଧ୍ୟ ଜାଣିପାରିଲେନି। ଏହାକୁ ନେଇ ଶଙ୍ଖ ଭବନରେ ଶୁକ୍ରବାର ବିଜେଡିର ଉପଦେଷ୍ଟାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ୱାକଫ୍ ବିଲ୍‌କୁ ନେଇ ଦଳର ଆଭିମୁଖ୍ୟ ପ୍ରସଙ୍ଗରେ ବୈଠକରେ ଚର୍ଚ୍ଚା ହୋଇଥିଲା। ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବରିଷ୍ଠ ନେତା ତଥା ବିଧାୟକ ବଦ୍ରିନାରାୟଣ ପାତ୍ର କହିଥିଲେ ଯେ, ୱାକଫ୍ ବିଲ୍ ସପକ୍ଷରେ ଭୋଟ୍ ଦେବା ପଛରେ ନିଶ୍ଚିତ ଖେଳ ହୋଇଛି। ୱାକଫ୍ ବିଲ୍‌କୁ ବିରୋଧ କରିବାକୁ ମୁନ୍ନା ଖାଁଙ୍କୁ ୨ଥର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଥିଲେ। ଏହାସତ୍ତ୍ୱେ ସାଂସଦମାନେ କିଭଳି ବିଲ୍‌କୁ ସମର୍ଥନ କଲେ ତାହା ଚିନ୍ତାଜନକ। ଏଥିରେ କିଛି ଖେଳ ନିଶ୍ଚୟ ହୋଇଛି ବୋଲି ବଦ୍ରି କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶଶିଭୂଷଣ ବେହେରା, ଭୂପିନ୍ଦର ସିଂ, ଚନ୍ଦ୍ରଶେଖର ସାହୁ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦଳର ସଭାପତିଙ୍କୁ ଭେଟି ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହିକ୍ରମେ ଦଳର ବରିଷ୍ଠ ନେତାମାନେ ସନ୍ଧ୍ୟାରେ ନବୀନ ନିବାସ ଯାଇ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପ୍ରସନ୍ନ ଆଚାର୍ଯ୍ୟ ଗଣମାଧ୍ୟମରେ କହିଛନ୍ତି ଯେ, ଉପଦେଷ୍ଟା କମିଟି ବୈଠକର ନିଷ୍ପତ୍ତି ସମ୍ପର୍କରେ ଦଳର ସଭାପତିଙ୍କୁ ଅବଗତ କରାଯାଇଛି। ସଂଗଠନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଗଲା। ୱାକଫ୍ ବିଲ୍ ପ୍ରସଙ୍ଗରେ ଦଳର ଆଭିମୁଖ୍ୟ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ସଭାପତି କହିଥିଲେ, ବିଜେଡି ଏକ ଧର୍ମନିରପେକ୍ଷ ଦଳ। ଏହି ନୀତି ଓ ଆଧାର ଉପରେ ଦଳ ପ୍ରତିଷ୍ଠା ହୋଇଛି। ଧର୍ମନିରପେକ୍ଷ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବନି। ସେହିପରି ଆଞ୍ଚଳିକ ଦଳ ଭାବେ ସମଦୂରତ୍ୱ ନୀତି ବଜାୟ ରହିଥିବା ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କହିଛନ୍ତି।

## ସିଫାରେ ମତ୍ସ୍ୟଜ୍ଞାନ ଉତ୍ସବ: ଜୀବନ୍ତ ମଧୁରମାଛ ସଂପର୍କରେ ଜ୍ଞାନ ଆହରଣ

ପିପିଲି , ୫/୪: ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା) ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଦିବସୀୟ ମତ୍ସ୍ୟଜ୍ଞାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, ପିପିଲି ସମେତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରକାର ଜୀବନ୍ତ ମଧୁରମାଛ ସଂପର୍କରେ ଜ୍ଞାନ ଆହରଣ କରିଥିଲେ। ବିଜ୍ଞାନକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସିଫା ପକ୍ଷରୁ କରାଯାଉଥିବା ବିଭିନ୍ନ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ମଧ୍ୟରୁ ଏହା ଅନ୍ୟତମ ଥିଲା। ଛାତ୍ରଛାତ୍ରୀମାନଙ୍କୁ ମାଛମାନଙ୍କ ପ୍ରଜାତି ଚିହ୍ନଟ ସହ ମାଛଚାଷ କିପରି ଖାଦ୍ୟ ନିରାପତ୍ତାରେ ସାହାଯ୍ୟ କରୁଛି, ଜୀବିକା ନିର୍ବାହର ମାଧ୍ୟମ ଓ ପରିବେଶ ସୁରକ୍ଷାରେ ସହାୟକ ହୋଇପାରୁଛି ସେ ସଂପର୍କରେ ଅବଗତ କରାଯାଇଥିଲା। ଏଥିରେ ବିଜ୍ଞାନ ପ୍ରଦର୍ଶନୀ, ଜୀବନ୍ତ ମାଛ ପ୍ରଦର୍ଶନ, ଶିକ୍ଷାର୍ଥୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଭାବ ବିନିମୟର ଏକ ସୁଯୋଗ ସୃଷ୍ଟି କରିଥିଲା। ତତ୍‌ସହିତ ଜଳକୃଷି ଉପରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶନ ସହ ଡ୍ରୋନ୍ ମାଧ୍ୟମରେ କିପରି ମାଛଖାଦ୍ୟ ପୋଖରୀରେ ପକାଯାଉଛି ତାହା ପ୍ରଦର୍ଶନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ୨୫ଗୋଟି ଆକ୍ୱାରିୟମରେ ଥିବା ଜୈବ ବିବିଧତା ସଂପନ୍ନ ମଧୁରମାଛ ଗୁଡ଼ିକୁ ଛାତ୍ରଛାତ୍ରୀମାନେ ବୁଲି ଦେଖିଥିଲେ। ମୃତ୍ତିକା ଓ ଜଳ ପରୀକ୍ଷଣ, ମାଛଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ, ମାଛରୋଗ ଓ ତାର ନିରାକରଣ ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବ୍ୟବହାରିକ ଜ୍ଞାନ ପାଇଁ ବିଭିନ୍ନ ବୈଜ୍ଞାନିକ ଉପକରଣ ଗୁଡ଼ିକୁ ଦେଖିବା ସହ ତାର ବ୍ୟବହାର ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷିବିଜ୍ଞାନ କେନ୍ଦ୍ର, ମିଶନଶକ୍ତି, ଷ୍ଟେଟ୍‌ବ୍ୟାଙ୍କ ଏବଂ ଓମ୍‌ଫେଡ୍ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ କରାଯାଇଥିଲା। ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ଅବସରରେ ଏହି ମତ୍ସ୍ୟଜ୍ଞାନ ଉତ୍ସବ କିଶୋରମାନଙ୍କ ବୈଜ୍ଞାନିକ ଅନୁସନ୍ଧିତ୍ସତାକୁ ବୃଦ୍ଧି କରିବାରେ ସହାୟକ ହେବ ଓ ସେମାନେ ବିଜ୍ଞାନକୁ ଗଭୀର ଭାବରେ ବୁଝିବା ସହିତ ମତ୍ସ୍ୟ ବିଜ୍ଞାନରେ ନିଜର କ୍ୟାରିଅର ଗଠନ ପାଇଁ ଉତ୍ସାହିତ ହେବେ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମଟି ଶ୍ରେଣୀ ଗୃହ ବାହାରେ ପିଲାମାନଙ୍କୁ ଜ୍ଞାନ ଆହରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିବ ବୋଲି ଯୋଗଦାନ କରିଥିବା ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମତପ୍ରକାଶ କରିଥିଲେ।

## ବେଦାନ୍ତ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ଶିବିର



ଲାଞ୍ଜିଗଡ,୫/୪: ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ଼ ସିଏସଆର ବିଭାଗ ପକ୍ଷରୁ ବେଦାନ୍ତ ହସ୍ପିଟାଲ ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଅବ୍ୟବହିତ ପୂର୍ବରୁ ଆୟୋଜିତ ଶିବିରକୁ ବେଦାନ୍ତ ସିଏସଆର ବିଭାଗ ମୁଖ୍ୟ ଶିଶିର ତରଫଦାର ଯୋଗ ଦେଇ ଶିବିରର ଉଦଘାଟନ କରିଥିବାବେଳେ ସିଏସଆର ବିଭାଗର ଅଭିନବ ପ୍ରତାପ, ବର୍ଣ୍ଣିରାଣୀ ପାଟଗିରି, ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବେଦାନ୍ତ ହସ୍ପିଟାଲର ଡା. ପ୍ରଶାନ୍ତ ପରମାଣିକ, ହସ୍ପିଟାଲର ସହ ପରିଚାଳକ ଅଶୋକ ଖୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭେଷଜ ବିଶେଷଜ୍ଞ ଡା. ବୁଦ୍ଧଦେବ ଗମାଙ୍ଗ, ମହିଳା ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଭବାନୀ ଶଙ୍କର ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ପାଣିଗ୍ରାହୀ, ଦନ୍ତରୋଗ ବିଶେଷଜ୍ଞ ଡା. ପୂଜା ନାୟକ, ଡା. ଶ୍ରେୟାଶୀ ନନ୍ଦୀ, ଫିଜିଓଥେରାପିଷ୍ଟ ଡା. ସଞ୍ଜୟ କୁମାର, ଚକ୍ଷୁରୋଗ ବିଭାଗର ତାରିଣୀସେନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶତାଧିକ ଲୋକଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ବେଦାନ୍ତ ଲିମିଟେଡ ସିଏସଆର ବିଭାଗ ଓ ବେଦାନ୍ତ ହସ୍ପିଟାଲର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଜେଡ଼ି ଓ ବିଜେପି ମଧ୍ୟରେ ସନ୍ଧି





ଭୁବନେଶ୍ୱର,୫/୪: ଭାରତ ବର୍ଷର ଗଣତାନ୍ତ୍ରିକ ଇତିହାସରେ ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାର ଗୃହ ଭିତରକୁ ପୁଲିସ ପଶି ବିଧାନସଭାର ଧାରଣାରେ ବସିଥିବା କଂଗ୍ରେସ ସଦସ୍ୟ ମାନଙ୍କୁ ବଳପ୍ରୟୋଗ କରି ଏବଂ ତାଙ୍କୁ ଧସ୍ତାଧସ୍ତି କରି ଅର୍ଦ୍ଧ ରାତ୍ରିରେ ଆଣି ମାଷ୍ଟରକ୍ୟାଣ୍ଟିନ ଛକରେ ଛାଡ଼ିଲା । ସାରା ପୃଥିବୀର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇ ଥିବା କୌଣସି ଏକ ରାଷ୍ଟ୍ରରେ ଏଭଳି ଘଟଣା କେବେ ଘଟିନାହିଁ ବା ଘଟିବାର ନଜିର ମଧ୍ୟ ନାହିଁ । ଆଜି ଯେଉଁମାନେ ଓଡ଼ିଶାରେ କ୍ଷମତାରେ ଅଛନ୍ତି ସେମାନେ କେବେହେଲେ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିନଥିଲେ କିମ୍ବା ଆମେ ଆପଣେଇଥିବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ମଧ୍ୟ ତାଙ୍କର ସମ୍ମାନ ଓ ସହମତି ନଥିଲା ଓ ଆଜି ମଧ୍ୟ ନାହିଁ । ମୂଳ ପ୍ରଶ୍ନ ହେଉଛି ସମ୍ବିଧାନର ଧାରା ୧୦୮ ଅନୁସାରେ ଓଡ଼ିଶା ବିଧାନସଭାର ପରିଚାଳନା କରିବା ପାଇଁ ଯେଉଁ ଆଇନ୍ ଓ ବ୍ୟବସ୍ଥା ପ୍ରଣୟନ କରାଯାଇଛି ତା'ର ନିୟମ ୨୧୬ ଅନୁସାରେ ବିଧାନସଭାର ବାଚସ୍ପତି ଗୃହକୁ ସୁଚାରୁରୂପେ ପରିଚାଳନା କରିବା ତାଙ୍କର ଦାୟିତ୍ୱ । ଗୃହ ଚାଲିଥିବା ସମୟରେ ବାଚସ୍ପତି ମହୋଦୟା ଯେଉଁ ରୁଲିଂ ଦେବେ ତାହା ତୁରନ୍ତ କାର୍ଯ୍ୟକାରୀ କରାଯାଏ କିନ୍ତୁ ଯେତେବେଳେ ଗୃହ ବନ୍ଦ ରହିଛି ସେ ସମୟରେ ବାଚସ୍ପତି ମହୋଦୟା କୌଣସି ରୁଲିଙ୍ଗ୍ ଦେଇପାରିବେ ନାହିଁ । ବୋଲି ଏହି ନିୟମରେ ଉଲ୍ଲେଖ ଅଛି । ତେଣୁ ଯେତେବେଳେ ଗୃହ ବନ୍ଦ ରହିଥିଲା ସେତେବେଳେ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭାର ପବିତ୍ର ଗୃହ ଭିତରକୁ ପ୍ରବେଶ କରିଥିଲା ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ କହିଥିଲେ । ଶ୍ରୀ ହରିଚନ୍ଦନ ଆହୁରି କହିଥିଲେ ଯେ ଏଭଳି ସ୍ଥିତି ଆମ ଗଣତନ୍ତ୍ର ପ୍ରତି ଘୋର ବିପଦ ସୃଷ୍ଟି କରୁଛି । ବାଚସ୍ପତି ମହୋଦୟା ରାଜ୍ୟବାସୀଙ୍କ ସମ୍ମୁଖରେ ଏହାର ସଂପୂର୍ଣ୍ଣ ତଥ୍ୟ ରଖନ୍ତୁ । ବିଧାନସଭା ଭିତରକୁ କେବଳ ବିଧାୟକମାନଙ୍କର ଯିବାର ଅନୁମତି ଅଛି । ବିଧାନସଭା ବନ୍ଦ ଥିବାବେଳେ କିପରି ପୁଲିସ ବିଧାନସଭା ଭିତରକୁ ପଶିଲେ ଯଦି ପୁଲିସ ଅଧିକାରୀମାନେ ଅନଧିକାରଭାବେ ବିଧାନସଭା ଗୃହ ଭିତରକୁ ପ୍ରବେଶ କରିଛନ୍ତି ତାହାଲେ ବାଚସ୍ପତି ମହୋଦୟା ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି । ଯଦି ବିଧାନସଭା ଚାଲୁନଥିଲା ଏବଂ ବାଚସ୍ପତିଙ୍କର ନିର୍ଦ୍ଦେଶ ଦେବାରେ କ୍ଷମତା ରୁଲ୍-୨୧୬ ଅନୁସାରେ ନାହିଁ ତାହାଲେ କାହା ନିର୍ଦ୍ଦେଶବଳରେ ପୁଲିସ ସେଠାରେ ପଶିଥିଲା । ଏ କଥା ରାଜ୍ୟବାସୀଙ୍କ ଜାଣିବାର ଅଧିକାର ଅଛି । କଂଗ୍ରେସ ର ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ମଧ୍ୟ ଭେଟିଥିଲେ ଏବଂ ଦାବି ପତ୍ର ମଧ୍ୟ ଏହି ଘଟଣାକୁ ନେଇ ଦିଆଯାଇଥିଲା । ମହାମହିମ ରାଜ୍ୟପାଳ ଆମ ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ଅଧିକାରୀ । ଆମ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସର୍ବମୁଖ୍ୟ । ଏଣୁ ଏହି ଯୁକ୍ତିରେ ମହାମହିମ ରାଜ୍ୟପାଳ ଏ ଅଗଣତାନ୍ତ୍ରିକ ଓ ସମ୍ବିଧାନ ବିରୋଧି ନିଷ୍ପତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କାହା ନିର୍ଦ୍ଦେଶରେ ପୁଲିସ ବିଧାନସଭା ଭିତରକୁ ପ୍ରବେଶ କରିଥିଲା ତାହା ମଧ୍ୟ ସେ ସାର୍ବଜନିନ କରିବା ଉଚିତ୍ । ବିଧାୟକମାନଙ୍କୁ ବିଧାନସଭାରୁ ଅସାମ୍ବିଧାନିକ ଉପାୟରେ ବରଖାସ୍ତ କରି ଗଣତନ୍ତ୍ରର କଣ୍ଠରୋଧ କରିବା ଅତ୍ୟନ୍ତ ଚିନ୍ତା ଓ କ୍ଷୋଭର ବିଷୟ । ଆମ ସମୟରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପ୍ରସଙ୍ଗରେ ରାତି ରାତି ଆଲୋଚନା ହୋଇଛି । ବିରୋଧି ବିଧାୟକମାନେ ବହୁ ହଟ୍ଟଗୋଳ କରିଛନ୍ତି କିନ୍ତୁ ଓଡ଼ିଶା ବିଧାନସଭା ଇତିହାସରେ ଏଭଳି ନିଷ୍ପତି କେବେ ନିଆଯାଇନାହିଁ । ସାମ୍ବାଦିକମାନଙ୍କ ୱାକ୍‌ଅଫ୍ ବୋର୍ଡ଼ ବିଲ୍ ପାରିତ ପ୍ରସଙ୍ଗରେ ଉତର ରଖି ସେ କହିଥିଲେ ବିଜେଡ଼ି-ବିଜେପି ଏକ । ଏମାନଙ୍କ ଭିତରେ ଏକ ପ୍ରକାର ଡିଲ୍ ହୋଇଛି । ରାଜ୍ୟରେ ମୁସଲମାନ ଭାଇ ଓ ଭଉଣୀମାନେ ବିଜୁ ଜନତା ଦଳର ଅସଲ ରୂପକୁ ଦେଖିଲେ । ଆଚରଣ ଓ ଉଚ୍ଚାରଣ କେତେ ଭିନ୍ନ ତାହା ବାରମ୍ବାର ରାଜ୍ୟବାସୀ ଦେଖୁଛନ୍ତି ବୋଲି ସେ କହିଛନ୍ତି । ବରିଷ୍ଠ ବିଧାୟକ ଶ୍ରୀ ତାରାପ୍ରସାଦ ବାହିନିପତି ସାମ୍ବାଦକ ମାନଙ୍କ ଅନ୍ୟ ଏକ ପ୍ରଶ୍ନର ଉତର ରଖି କହିଥିଲେ ଯେ, ରାଜାଚକ୍ରର ବ୍ୟାଙ୍କ ଆକାଉଣ୍ଟରୁ ୧ କୋଟି ୩୨ ଲକ୍ଷ ଟଙ୍କା ମଧ୍ୟରୁ ୧ କୋଟି ୩ ଲକ୍ଷ ଟଙ୍କା ବିଜେପି ଦଳର ସଭାପତି ବର୍ତ୍ତମାନର ସଭାପତିଙ୍କ ଖାତାକୁ ଯାଇଛି ବୋଲି ତାଙ୍କ ଓକିଲ ଗତକାଲି ପ୍ରମାଣ ସହ ଗଣମାଧ୍ୟମକୁ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ପୂର୍ବତନ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କର ରାଜନୈତିକ ସଚୀବ ଶ୍ରୀ ସୁଧାଂଶୁ ଦେଓ ଉପସ୍ଥିତ ଥିଲେ ।

# ଦୀର୍ଘ ୨୨ ବର୍ଷ ପରେ ୨୦୦୩ ମସିହା ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ

ଯାଜପୁର, : ଜିଲ୍ଲାର ପୁରାତନ ବିଦ୍ୟାଳୟ ଭାବେ ପୁରୁଷୋତ୍ତମ ପୁର ଉଚ୍ଚ ବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚୟ ରହିଛି ।ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୦୦୩ ମସିହା ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀଙ୍କୁ ନେଇ ବରୁଆଁ ସ୍ଥିତ ମା ତାରାଦେବୀ ପୀଠ ଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଛାତ୍ରଛାତ୍ରୀ ମାନେ ମା ତାରାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ସୌମ୍ୟ ରଂଜନ ପତି ବନ୍ଧୁ ମିଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ କ୍ଷ ମଞ୍ଚ ସଞ୍ଚାଳକ ସୁନୀଲ ଚନ୍ଦ୍ର ଦାସ ହିନ୍ଦୀ ସାୟରି ମାଧ୍ୟମରେ ନିଜର ସ୍ମୃତି ଓ ଅନୁଭୂତି ପ୍ରଦାନ କରିବା ସହ ଉପସ୍ଥିତ ଥିବା ପୁରାତନ ଛାତ୍ର ଛାତ୍ରୀ ନିଜର ଅତୀତର ସ୍ମୃତି ଓ ଅନୁଭୂତି ପ୍ରକାଶ କରି ଅତି ଭାବବିହ୍ୱଳ ହୋଇ ନିଜର ଦୁଃଖ ସୁଖକୁ ପରସ୍ପରକୁ ବାଣ୍ଟିଥିଲେ ।କାର୍ତ୍ତିକ କବି, ଶରତ ସାହୁ ଯଯାତି ଭଞ୍ଜ ,ପ୍ରଫୁଲ୍ଲ ପତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ନିରୁପମା ତରାଇ ,ଗୀତାଞ୍ଜଳି ତରାଇ ,ମନ୍ଦାକିନୀ ସାହୁ, ବିକ୍ରମ କେଶରୀ ସାମଲ ,ମାନସୀ ବୋଇତେଇ ସମେତ ୭୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଜ ପରିବାର ସହ ଉପସ୍ଥିତ ଥିଲେ, ଶେଷରେ ସୌମ୍ୟ ରଂଜନ ପତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# କୋରାପୁଟ ଏଲ୍.ଏସ୍.ପି ସଂଘ ପକ୍ଷରୁ ଜିଲ୍ଲା ସଭାପତି ତପନ ହିଆଲ ଏବଂ ସମ୍ପାଦକ ମାଧବ ଗୁଣ୍ଟାଙ୍କୁ ଚୟନ





କୋରାପୁଟ, : ଜିଲ୍ଲାରେ ରହିଥିବା ୧୪ ଗୋଟି ବ୍ଲକରେ ଓଡ଼ିଶା ଜିବିକା ମିଶନ ଅଧିନରେ ୨୭ ଗୋଟି ଜିବିକା ସହାୟିକା ବା ଏଲ୍ ଏସ୍ ପି ଭାବେ ଛ ବର୍ଷରୁ ଉର୍ଦ୍ଧ୍ୱ ଧରି କାର୍ଯ୍ୟକରି ଆସୁଥିବାର ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ପରେ ଜିଲ୍ଲା ଦଳକୁ ମଜଭୁତ କରିବା ନିମନ୍ତେ ପ୍ରଥମ ବୈଠକରେ ପୋଲିସ ପଡ଼ିଆ ଠାରେ ଜିଲ୍ଲା ଏଲ୍ ଏସ୍ ପି ନୂତନ ସଂଘ କରିବା ଲାଗି ପ୍ରସ୍ତାବ ଉଠିଥିବା ବେଳେ ଏକ ମାସ ପରେ ଆଜି ସମସ୍ତ ବ୍ଲକର ଏଲ୍ ଏସ୍ ପି ମାନଙ୍କ ଉପସ୍ଥିତରେ 'ଏଲ୍ ଏସ୍ ପି ସଂଘ କୋରାପୁଟ' ନାମରେ ନାମିତ କରାଯାଇ। ଏହି ବୈଠକରେ ନୂତନ ଜିଲ୍ଲା ସଭାପତି ତପନ ହିଆଲ ଏବଂ ସମ୍ପାଦକ ମାଧବ ଗୁଣ୍ଟାଙ୍କୁ ଚୟନ କରାଗଲା। ଆଜି ଠାରୁ ସମସ୍ତ ଏଲ୍ ଏସ୍ ପି ଭାଇମାନଙ୍କର ସୁଖ, ଦୁଃଖର କଥା ଗାଁ ଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ଜିଲ୍ଲା ଏବଂ ରାଜ୍ୟର ବାର୍ତ୍ତା ଆଦାନ ପ୍ରଦାନ କରିବା ନିମନ୍ତେ ଉପସ୍ଥିତ ସମସ୍ତେ ପ୍ରସ୍ତାବ ରଖିବା ସହ ଉକ୍ତ ବୈଠକରେ ଜିଲ୍ଲାର ନୂତନ ସଂଘ ସମସ୍ତ ଦାୟିତ୍ୱ ତୁଲାଇବା ନିମନ୍ତେ ନୂତନ ସଭାପତି ଏବଂ ସମ୍ପାଦକଙ୍କୁ ପୂର୍ଣ୍ଣକ୍ଷମତା ଦିଆ ଯାଇଥିଲା। ଏଥିରେ ମଙ୍ଗୁଲୁ ଖିଲ, ଶିବଶଙ୍କର ଖେମୁଣ୍ଡୁ, ସୁଶାନ୍ତ ହିଆଲ, ସୁରେଶ ହେନ୍ତାଳ, ଚନ୍ଦ୍ର ଦୁରା , ଦାମୋଦର ଗୁଣ୍ଟା ଏବଂ ସମସ୍ତ ବ୍ଲକର ଏଲ୍ ଏସ୍ ପି ଇତ୍ୟାଦି ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଏହି ସଭାକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମଙ୍ଗୁଲୁ ଖିଲ ପରିଚାଳନା କରି ଶେଷରେ ଉପସ୍ଥିତ ସମସ୍ତ ଏଲ୍ ଏସ୍ ପି ଭାଇମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟକୁ ପରିସମାପ୍ତି କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ପାରମ୍ପରିକ ପୋଷାକ ପିନ୍ଧିଲେ ଅଧିକାରୀ, ଜନସାଧାରଣ



ସୁବର୍ଣ୍ଣପୁର : ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଅପ୍ରେଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଇଛି । ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାରେ ଗୁରୁବାର ଆମ ପୋଷକ ଆମ ପରିଚୟ ଦିବସ ଭାବେ ପାଳନ କରାଯାଇଥିଲା କ୍ଷ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ କ୍ଷ ୧୪ ଦିନ ଧରି ଚାଲିବାକୁ ଥିବା ଓଡିଆ ଅସ୍ମିତାର ଉତ୍ସବ ଓଡ଼ିଆ ପକ୍ଷ ୨୦୨୫ ପାଳନ ଅବସରରେ ଆମ ପୋଷାକ ଆମ ପରିଚୟରେ ସମସ୍ତ ଅଧିକାରୀ କର୍ମଚାରୀ ତଥା ଜନସାଧାରଣ ପାରମ୍ପରିକ ପୋଷାକ ପରିଧାନ ପୂର୍ବକ ଏହି ଉତ୍ସବରେ ଯୋଡି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଙ୍କ ସମେତ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମରେ ଭାଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

# ପାରମ୍ପରିକ ପୋଷାକ ପରିଧାନ କଲେ ଅଧିକାରୀ ଓ କର୍ମଚାରୀ

ପୁରୀ, :ଓଡ଼ିଆ ପକ୍ଷ ପାଳନ ଅବସରରେ ପୁରୀ ଜିଲ୍ଲା ରେ ଅଧିକାରୀ ଓ କର୍ମଚାରୀ ମାନେ ପାରମ୍ପରିକ ପୋଷାକ ପରିଧାନ କରିଥିଲେ।ସମ୍ବଲପୁର ଓ ଖଦି ବସ୍ତ୍ର ପିନ୍ଧି ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟାଳୟ କୁ ଆସିଥିଲେ।ସରକାର ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ରୁ ଅପ୍ରେଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛନ୍ତି।ସେହି ଆଧାର ରେ ଆଜି ର ଦିବସ ଥିଲା ପାରମ୍ପରିକ ପୋଷାକ ପରିଧାନ।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର, ଡେପୁଟୀ କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବସନ୍ତ ହାତୀ, ମନୀଷା ଷଡ଼ଙ୍ଗୀ, ସହଦ୍ଦେ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ଅନ୍ୟାନ୍ୟ କର୍ମଚାରୀ ମାନେ ପୋଷାକ ପରିଧାନ ପୂର୍ବକ ଫଟୋ ପ୍ରଦର୍ଶନ କରିଥିଲେ।

# ପାରମ୍ପରିକ ପୋଷାକ ପରିଧାନ କରି ଓଡ଼ିଆ ପକ୍ଷ ପାଳନ କଲେ ଜିଲ୍ଲାପାଳ



କୋରାପୁଟ, ୩।୪:ରାଜ୍ୟ ବ୍ୟାପି ଓଡିଶା ପକ୍ଷ ପାଳନ କରାଯାଉଛି । ପାରମ୍ପରିକ ପୋଷାକ ପରିଧାନ ଅଭିଯାନ । ଆମ ଉତ୍କଳୀୟ ପରମ୍ପରା ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ପରିଧାନ କରି ସ୍ୱାଭିମାନୀ ଓଡିଶା ଅସ୍ମିତା ର ଅଂଶ ହୁଅନ୍ତୁ ଆମ ପୋଷାକ ଆମ ପରିଚୟ । ଏପ୍ରିଲ ୧ ତାରିଖ ଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଏଇ ପରିପେକ୍ଷୀ ରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟାଳୟ କୁ ଆସିଥିଲେ ।ଓଡ଼ିଆ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ତରଫରୁ ନିର୍ଦ୍ଦେଶ ନାମା ହୋଇଥିଲା ।ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ରେ ଅଧିକାରୀ ମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହିତ ନିଜ ନିଜ ଭିତରେ ଶୁଭେଚ୍ଛା ଜଣାଇଥିଲେ । ଏପ୍ରିଲ ୧ ତାରିଖ ରେ ଓଡିଶା ଦିବସ, ୨ ତାରିଖରେ ଖଡ଼ିଛୁଆଁ ଦିବସ ଏବଂ ୩ ତାରିଖରେ 'ଆମ ପୋଷାକ ଆମ ପରିଚୟ' ଦିବସ ପାଳନ କରାଯାଇଛି ।ଏହାପରେ ଏପ୍ରିଲ ୪ ତାରିଖରେ ଓଡ଼ିଆ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା, ଏହା ସହ ଏପ୍ରିଲ ୫ ତାରିଖରେ ଐତିହ୍ୟ ଗଣଦୌଡ଼ ଏବଂ ୬ତାରିଖରେ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ,ସେହିପରି ଏପ୍ରିଲ ୭ ତାରିଖରେ ବର୍ଣ୍ଣବୋଧ ଉତ୍ସବ, ୮ତାରିଖରେ ରକ୍ତଦାନ ଦିବସ ଏବଂ ୯ ତାରିଖରେ ଆସ ବହିଟିଏ କିଣିବା ଦିବସ ପାଳିତ ହେବ । ଏହାସହ ୧୦ ତାରିଖରେ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ କରାଯାଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯିବ । ଅନ୍ୟପଟେ ଏପ୍ରିଲ ୧୧ ତାରିଖରେ ଯୁବ ଲେଖକ ସମ୍ମିଳନୀ, ୧୨ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟର ବରପୁତ୍ରଙ୍କ ସଂପର୍କରେ ଆଲୋଚନାଚକ୍ର ହେବ । ଏପ୍ରିଲ ୧୩ରେ ପାରମ୍ପରିକ ଖାଦ୍ୟ ଦିବସ ଏବଂ୧୪ରେ ଓଡ଼ିଆ ନବବର୍ଷ ପାଳିତ ହେବ ।ଜିଲ୍ଲାର ସମସ୍ତ ଅଧିକାରୀ ମାନେ ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟାଳୟ କୁ ଆସିଥିବାରୁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସମସ୍ତ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ସଂଗୀତ ଗୁରୁ ଶ୍ରୀଯୁକ୍ତ ନିକୁଞ୍ଜ କିଶୋର ସାମଲ ଝରିଏଲ ସମ୍ମାନରେ ସମ୍ମାନିତ



ଦାମନଯୋଡ :ଆଜି କଳାଶ୍ରୀ ଆର୍ଟ ଏକାଡେମୀ ବଲାଙ୍ଗୀର ଅନୁକୁଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅଷ୍ଟାଦଶ ତମ ସର୍ବ ଭାରତୀୟ ଯୋଗିନୀ ମହୋତ୍ସବ (ଝରିଏଲ ) ଅନୁଷ୍ଠିତ ହୋଇଯାଇଛି . ଏହି ଅବସରରେ ଅନୁଷ୍ଠାନ ର ପ୍ରତିଷ୍ଠାତା ଓ ସଂପାଦକ ଗୁରୁ ଆଲୋକ ଦାସ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଟି ସୁପରିଚାଳିତ ହୋଇଥିଲା .ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ମାନେ ଯୋଗଦାନ ଦେବା ସହ ପାରମ୍ପରିକ ଓଡିଶୀ ଏବଂ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ .ଗୁରୁ ମାନଙ୍କ ମଧ୍ୟରେ ଗୁରୁ ଶ୍ରୀଯୁକ୍ତ ଆଲୋକ ଦାସ ,ଗୁରୁ ଶ୍ରୀଯୁକ୍ତ ମୋତିଲାଲ ଦୋରା ,ଗୁରୁ ଶ୍ରୀଯୁକ୍ତ ବ୍ରଜବନ୍ଧୁ ରଣସିଂ,ପ୍ରଫେସର ଶ୍ରୀଯୁକ୍ତ ଲୋକନାଥ ମହାନ୍ତି ,ଗୁରୁ ଶ୍ରୀଯୁକ୍ତ ରଘୁନାଥ ପାଣି ,ଗୁରୁ ଶ୍ରୀଯୁକ୍ତ ନିକୁଞ୍ଜ କିଶୋର ସାମଲ ,ବିଶିଷ୍ଟ ତବଲା ବାଦକ ଗୁରୁ ଡ.ସୁଶୀଲ କୁମାର ପଟ୍ଟନାୟକ ,ପଖଉଜ ବାଦକ ଶ୍ରୀ ମାଧବ ଶ୍ରୀନନ୍ଦନ ,ଗୁରୁ ଶ୍ରୀଯୁକ୍ତ ଉପେନ୍ଦ୍ର ସାର ଇତ୍ୟାଦି ଅତି ଉଚ୍ଚ କୋଟିର ପାରମ୍ପରିକ ଓଡିଶୀ ,ଶାସ୍ତ୍ରୀୟ ସଂଗୀତ ସଂଗୀତ ପରିବେଷଣ କରିଥିଲେ.ଫଳରେ ଜୟଦେବ ଭବନ ପ୍ରେକ୍ଷାଳୟ ରେ ଏକ ଭାବମୟ ,ରାଗମୟ ପରିବେଶ ସୃଷ୍ଟି ହୋଇଥିଲା .ଓଡ଼ିଶାରେ ଲୁପ୍ତ ହୋଇଯାଉଥିବା ପାରମ୍ପରିକ ଓଡିଶୀ ,ଛାନ୍ଦ ,ଚୌପଦୀ ଏବଂ ଶାସ୍ତ୍ରୀୟ ରାଗ ସଂଗୀତ କୁ ବଞ୍ଚାଇ ରଖିବାର ପ୍ରୟାସ ଏବଂ ପ୍ରଚାର ପ୍ରସାର ଦିଗରେ ଚେଷ୍ଟିତ ଏବଂ ସାଧନା ରତ ସଂଗୀତ ଗୁରୁ ମାନଙ୍କୁ ସମ୍ମାନିତ କରାଯାଇଥିଲା .ଇତ୍ୟବସରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଙ୍କ ରଚନା ରୁ (ପ୍ରାଣ ସଜନି ,ବସି କାନ୍ଦୁଥିବ ମାନିନୀ ) ଛାନ୍ଦ କୁ ଗୁରୁ ଶ୍ରୀଯୁକ୍ତ ନିକୁଞ୍ଜ କିଶୋର ସାମଲ ଅତି ନିଖୁଣ ଭାବେ ଉଚ୍ଚକୋଟିର ପରିବେଷଣ କରି ଉପସ୍ଥିତ ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିବାରୁ ତାଙ୍କୁ ସର୍ବ ଭାରତୀୟ ଅଷ୍ଟାଦଶ ତମ ଯୋଗିନୀ ମହୋତ୍ସବ ଝରିଏଲ ସମ୍ମାନରେ ସମ୍ମାନିତ କରାଯାଇଥିଲା .ମୁଖ୍ୟ ଅତିଥି ,ଏବଂ ସମ୍ମାନିତ ଅତିଥି ଙ୍କ ଠାରୁ ସେ ମାନପତ୍ର ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ .

# ନାଲକୋ ଦାମନଯୋଡିରେ ୯୦ତମ ଉତ୍କଳ ଦିବସ ପାଳନ



ଦାମନଯୋଡି, : : ନାଲକୋ, ଦାମନଯୋଡିରେ ୯୦ତମ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି କ୍ଷ ଏହି ସମାରୋହରେ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଏବଂ ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ କ୍ଷ ନାଲକୋର ସମୂହ ମହାପ୍ରବନ୍ଧକ ୱାଇ କେ ବାସ୍କର, ଭି ଏସ ଏସ ଆନନ୍ଦ, ସଞ୍ଜୟ ଗୁପ୍ତା, ପୁରୁଷୋତ୍ତମ ମହନ୍ତ, ସ୍ୱରୂପାନନ୍ଦ ମିଶ୍ର, ଆଶିଷ ସେନାପତି, ବିଦୀପ୍ତ ଚନ୍ଦ୍ର ରାୟ, ସଞ୍ଜୟ ପଟ୍ଟନାୟକ, ସୁଗାତୋ ଆନନ୍ଦୋ ବସୁ ଓ ଅଜିତ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ କ୍ଷ ନାଲକୋ ସୁରକ୍ଷା ପରାମର୍ଶଦାତା ଅବସରପ୍ରାପ୍ତ ବ୍ରିଗେଡ଼ିଅର ପି. ଏମ ରଥ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ଗୁରୁ ବୃନ୍ଦାବନ ଖଣ୍ଡୁଆଳଙ୍କ ସଂଗୀତ ନିର୍ଦ୍ଦେଶନାରେ ସରସ୍ୱତୀ ବିଦ୍ୟା ମନ୍ଦିର, ଦାମନଯୋଡିର ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ କ୍ଷ ଗୁରୁ ମାନଭଞ୍ଜନ ଜେନାଙ୍କ ନୃତ୍ୟ ନିର୍ଦ୍ଦେଶନାରେ କଳା ବିକାଶ କେନ୍ଦ୍ର, ଦାମନଯୋଡିର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ନାଲକୋର ସହାୟକ ମହା ପ୍ରବନ୍ଧକ ନିର୍ମଳ କୁମାର ରାଉତ ଉତ୍କଳ ଦିବସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କ୍ଷ ମାନବ ସମ୍ବଳ ସମୂହ ମହା ପ୍ରବନ୍ଧକ ସୁଗାତୋ ଆନନ୍ଦୋ ବାସୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାସନ ବିଭାଗର ମହାପ୍ରବନ୍ଧକ ଚନ୍ଦ୍ର ମୋହନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷ ମହା ପ୍ରବନ୍ଧକ ସୁରେଶ ବାଥୁଲା ଏବଂ ନାଲକୋ କଲ୍ୟାଣ କମିଟିର ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କଲ୍ୟାଣ କମିଟିର ସଦସ୍ୟ ଅନାମ ଚରଣ ନାୟକ, ଜାହିଦ ଅନୱାର ଖାନ, ଟି ଆନିମନ, କେ ନାଗେଶ୍ୱର ପାତ୍ର, ସ୍ୱପ୍ନରାଜ ମିଶ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ଲୋକନାଥ କୁଲଦୀପ, ଗୌତମ ବିଷୋୟୀ, ସୌମେନ୍ଦ୍ର ବାରିକ, ସୁଶାନ୍ତ କୁମାର ପାତ୍ର, ଅରୁଣ କୁମାର ମିଶ୍ର, ସନ୍ତୋଷ ଭୋଇ, ଅଭିଷେକ ଦତ୍ତ, ଆଲୋକ ମଲ୍ଲିକ, ରବି ନାରାୟଣ ହାଲବା, ଅନାମ ଚରଣ ନାୟକ, ପ୍ରଶାନ୍ତ ପାତ୍ର, ବଳଭଦ୍ର ଜାନି, ଶତ୍ରୁଘ୍ନ ଖୋରା, ପୂର୍ଣ୍ଣ ଜାନି ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ସନ୍ଧ୍ୟା ସମୟରେ ସେକ୍ଟର ୧ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା କ୍ଷ ଭୁବନେଶ୍ୱରରୁ ଆସିଥିବା ସ୍ୱରାରବିନ୍ଦ ବିଶ୍ୱଶାନ୍ତି ଭଜନ ସନ୍ଧ୍ୟା ସଂଗୀତ ପରିବେଷଣ କରିଥିଲେ।

# ଖତ ଖାଉଛି ଆମ୍ବୁଲାନ୍ସ,ଜରୁରୀ କାଳୀନ ସେବାରୁ ବଞ୍ଚିତ ରୋଗୀ




କୋରାପୁଟ, : କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଖତ ଖାଉଛି ଆମ୍ବୁଲାନ୍ସ । ଜରୁରୀ କାଳୀନ ସେବାରୁ ବଞ୍ଚିତ ରୋଗୀ । ଠିକ ସମୟ ରେ ରୋଗୀ ଙ୍କ ପାଖରେ ଆମ୍ବୁଲାନ୍ସ ନ ପହଞ୍ଚିବା ଯୋଗୁ ରୋଗୀ ମାନେ ମୃତ୍ୟୁ ବରଣ କରୁଛନ୍ତି । କିନ୍ତୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲ ର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ୪ ଆମ୍ବୁଲାନ୍ସ ଖତ ଖାଉଥିବା କୁ ନେଇ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି । ଆମ୍ବୁଲାନ୍ସ ରେ ବଡ଼ ବଡ଼ ଅକ୍ଷରେ ଲେଖା ଯାଇଛି ରୋଗୀ ପାଇଁ ପ୍ରତିଟି ମୁହୂର୍ତ୍ତ ଅମୂଲ୍ୟ । ତାଙ୍କୁ ସହାୟ ହୁଅନ୍ତୁ ।ଆମ୍ବୁଲାନ୍ସ କୁ ରାସ୍ତା ଦିଅନ୍ତୁ ।ଏଠି କିନ୍ତୁ ଦୃଶ୍ୟ ଅଲଗା ।ରାସ୍ତା ଫାଙ୍କା ଅଛି କିନ୍ତୁ ଆମ୍ବୁଲାନ୍ସ ରାସ୍ତାରେ ଆଣ୍ଠେଇ ପଡ଼ିଛି । ରୋଗୀ ଙ୍କୁ ଆମ୍ବୁଲାନ୍ସ ସେବା ଠିକ ସେ ମିଳୁ ନାହିଁ ।କୋରାପୁଟ ଜିଲ୍ଲା ହେଉଛି ଆଦିବାସୀ ବହୁଳ ଜିଲ୍ଲା । ଆଶା ଥିଲା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଆମ୍ବୁଲାନ୍ସ ସେବା ମିଳିବ କିନ୍ତୁ ସେବା ବଦଳ ରେ ଆମ୍ବୁଲାନ୍ସ ର ବିକଳ ଚିତ୍ର ଦେଖିବା ପାଇଁ ମିଳୁଛି ।ଏଇ ରାସ୍ତା ଦେଇ ପ୍ରତିଦିନ ଡାକ୍ତର ଓ ମେଡିକାଲ କର୍ତୃପକ୍ଷ ଯାତାୟତ କରୁଛନ୍ତି । କିନ୍ତୁ କାହା ନଜର ପଡୁ ନ ଥିବା ଆଶର୍ଯ୍ୟା ର ବିଷୟ ପାଲଟିଛି । ଆମ୍ବୁଲାନ୍ସ ସବୁ ରକ୍ଷଣା ବେକ୍ଷଣା ଅଭାବ ରୁ ଖତ ଖାଇବା ପାଇଁ ବସିଲାଣି । ଏଥିପ୍ରତି ମେଡିକାଲ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଧ୍ୟାନଦେବା ପାଇଁ ସାଧାରଣ ରେ ଦାବି ହୋଇଛି।

# ସରକାରୀ ମହାବିଦ୍ୟାଳୟ ରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ



କୋରାପୁଟ:କୋରାପୁଟ ସ୍ଥିତ ସରକାରୀ ମହାବିଦ୍ୟାଳୟ ରେ ପାରମ୍ପରିକ ପୋଷାକ ପରିଧାନ ସହିତ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି । ଆଜି ରାଜ୍ୟ ବ୍ୟାପି ଓଡ଼ିଆ ପକ୍ଷ ପାଳନ କରାଯିବା ସହିତ ଆମ ଉତ୍କଳୀୟ ପରମ୍ପରା ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ୍ର ପରିଧାନ କରି ସ୍ୱାଭିମାନ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ । ଆମ ପୋଷାକ ଆମ ପରିଚୟ । ଏଇ ପରିପେକ୍ଷୀ ର କୋରାପୁଟ ମହାବିଦ୍ୟାଳୟ ର ଅଧ୍ୟାପକ ଓ ଅଧ୍ୟାପିକା ମାନେ ବିଭିନ୍ନ ପ୍ରକାର ପାରମ୍ପରିକ ପୋଷାକ ପରିଧାନ କରି ମହାବିଦ୍ୟାଳୟ କୁ ଆସିଥିଲେ । ରାଜ୍ୟ ସରକାର ଙ୍କ ଆହ୍ୱାନ କ୍ରମେ ରାଜ୍ୟ ବ୍ୟାପି ଓଡ଼ିଆ ପକ୍ଷ ପାଳନ ହେଉଥିବା ବେଳେ କୋରାପୁଟ ସରକାରୀ ମହାବିଦ୍ୟାଳୟ ମଧ୍ୟ ସେଥିରୁ ବାଦ ପଡ଼ିନାହିଁ । ଅନ୍ୟ ପୋଷାକ ପିନ୍ଧି ସବୁ ଦିନ ମହାବିଦ୍ୟାଳୟ କୁ ଆସୁଛୁ ।କିନ୍ତୁ ଆଜି ପାରମ୍ପରିକ ପୋଷାକ ପିନ୍ଧି ମହାବିଦ୍ୟାଳୟ କୁ ଆସିଛୁ ।ଅନ୍ୟ ଦିନ ଅପେକ୍ଷା ଆଜିର ଦିନ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି ।ପାରମ୍ପରିକ ପୋଷାକ ପିନ୍ଧିବା ଦ୍ୱାରା ଆଜି ଆମକୁ ଗର୍ବ ଅନୁଭବ ଲାଗୁଛି । ଥରେ ଯଦି କୋଟପାଡ଼ କିମ୍ବା ସମ୍ବଲପୁରୀ ପୋଷାକ ଦେହରେ ପଡୁଛି ତେବେ ସେଇ ପୋଷାକ ଆଗରେ ନାମିଦାମୀ ର ବ୍ରାଣ୍ଡ ପୋଷାକ ମଧ୍ୟ ହାର ମାନି ଯାଉଛି ବୋଲି ମହାବିଦ୍ୟାଳୟ ର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ କହିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ଓଡ଼ିଆ ବିଭାଗ ର ଅଧ୍ୟାପିକା ପ୍ରୀତିଧାରା ସାମଲ,ଲୋପାମୁଦ୍ରା ସ୍ୱାଇଁ ଙ୍କ ସମେତ ମହାବିଦ୍ୟାଳୟ ର ଅନ୍ୟାନ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।

# କାଜୁ ଜଙ୍ଗଲ କୁ ନେଇ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ




ଜୟପୁର, : କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଅନ୍ତର୍ଗତ ପାଞ୍ଜିଆମ୍ବ ର ଗ୍ରାମବାସୀ କାଜୁ ଜଙ୍ଗଲ କୁ ନେଇ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି ।ଗ୍ରାମବାସୀ ଙ୍କ କହିବା କଥା ପୂର୍ବ ପୁରୁଷ ରୁ ଗ୍ରାମ ନିକଟରେ ଥିବା କାଜୁ ଜଙ୍ଗଲ କୁ ସେମାନେ ବ୍ୟବହାର କରି ଆସୁଛନ୍ତି । କାଜୁ ଜଙ୍ଗଲ ରୁ କାଜୁ ସଂଗ୍ରହ କରି ନିଜ ପରିବାର ପତିପୋଷଣ କରୁଛନ୍ତି ।ଗ୍ରାମବାସୀ ମିଳିତ ଭାବେ କାଜୁ ଜଙ୍ଗଲ କୁ ଦୀର୍ଘ ବର୍ଷ ଧରି ସୁରକ୍ଷା ଦେଇ ଆସୁଛନ୍ତି । ତାଙ୍କ ଗ୍ରାମ ନିକଟକୁ ଲାଗି ରହିଥିବା ଗ୍ରାମବାସୀ କାଜୁ ଜଙ୍ଗଲ କୁ ନିଜ ଅକ୍ତିଆର ରେ ନେବା ପାଇଁ ଚେଷ୍ଟା କରୁଛନ୍ତି ।ଗ୍ରାମବାସୀ ଙ୍କୁ ଧମକ ଚମକ ମଧ୍ୟ ଦେଉଛନ୍ତି ।କାଜୁ ଜଙ୍ଗଲ ରୁ ସେମାନେ କାଜୁ ସଂଗ୍ରହ କରି ନେଉଛନ୍ତି ।ବର୍ଷ ତମାମ ଆମେ କାଜୁ ଜଙ୍ଗଲ କୁ ସୁରକ୍ଷା ଦେବୁ କିନ୍ତୁ ଫଳ ଫଳିବା ସମୟରେ ପାଖ ଗ୍ରାମର ଲୋକେ ଜୋର ଜବରଦସ୍ତ କାଜୁ ତୋଳି ନେଉଛନ୍ତି । ଆଉ କାଜୁ ଜଙ୍ଗଲ କୁ ନିଜ ଅଧୀନକୁ ନେବା ପାଇଁ ଚେଷ୍ଟା କରୁଛନ୍ତି । ଯାହାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ଉଚ୍ଚତମ ନ୍ୟାୟଳୟ ର ଦ୍ୱାରସ୍ଥ ହୋଇଥିଲେ । କୌଣସି ସୁଫଳ ମିଳି ନ ଥିବାକୁ ନେଇ ଆଜି ପୁଣି ଥରେ ପିଲା ଛୁଆଙ୍କୁ ଧରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲ ।୫ ତାରିଖ ଭିତରେ ଗାଁ କୁ ସମସ୍ୟାର ସମାଧାନ କରିବି ବୋଲି ଉପ ଜିଲ୍ଲାପାଳ ପ୍ରତିଶୃତି ଦେବାରୁ ଗ୍ରାମବାସୀ ଧାରଣା ରୁ ଓହରି ଥିଲେ ।

# ଏନ୍.ଏଚ ୧୬, ୫୩ ଓ ୨୦ରେ ମାଲ ପରିବହନକାରୀ ଯାନବାହନର ଅନଧିକୃତ ପାର୍କିଂ ନିମନ୍ତେ କଟକଣା ।

ବଡଚଣା, : : ଏନ୍.ଏଚ ୧୬, ଏନ୍.ଏଚ ୫୩, ଏନ୍. ଏଚ ୨୦ ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲ ପରିବହନକାରୀ ଯାନବାହାନର ଅନଧିକୃତ ପାର୍କିଂ ଅତ୍ୟାବଶ୍ୟକୀୟ ଯାନବାହାନର ଅବାଧ ଚଳାଚଳକୁ ବାଧା ଦେଉଥିବାରୁ ଏବଂ ବହୁ ମାତ୍ରାରେ ସଡ଼କ ଦୁର୍ଘଟଣାର ସମ୍ଭାବନା ରହୁଥିବାରୁ ସାଧାରଣ ଜନତାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ତଥା ଅଧ୍ୟକ୍ଷା, ଆର.ଟି.ଏ , ଯାଜପୁର ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମଟର ଯାନ ଅଧିନିୟମ, ୧୯୯୩ ର ପ୍ରଦତ୍ତ ଧାରା ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ, ୧୯୮୮ ଧାରା ୧୧୫,୧୬,୧୧୭ ଅନୁଯାୟୀ ଏନ୍.ଏଚ ୧୬ (ସଠିପୁର ରୁ ନେଲିଆ) ଏନ୍.ଏଚ ୫୩ (ବାଲିଚନ୍ଦ୍ରପୁର ରୁ ଡୁବୁରୀ) ଏବଂ ଏନ୍.ଏଚ ୨୦ (ପାଣିକୋଇଲି ଛକରୁ ରଗଡ଼ି ଛକ) ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲବାହୀ ଗାଡ଼ିର ଅନଧିକୃତ ପାର୍କିଂକୁ ପ୍ରତିବନ୍ଧିତ କରିଛନ୍ତି। ଏହି ପ୍ରତିବନ୍ଧକ ତା ୦୧.୦୪.୨୦୨୫ ରିଖ ଠାରୁ ଆରମ୍ଭ ହୋଇ ତା ୩୦.୦୪.୨୦୨୫ ରିଖ (ଏକ ମାସ ପର୍ଯ୍ୟନ୍ତ) ଲାଗୁ ରହିବ।

# ଇସି ପୁର୍ନଃଗଠନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଦାବୀ



ବଡସାହି, : ବଡସାହି ବ୍ଲକ ଇସି ସଂଘ ପକ୍ଷରୁ ଗୁରୁବାର ବିଡ଼ିଓ ବନଜା ଦାସଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ସରକାର ଓଡ଼ିଶା ଜୀବିକା ମିଶନକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ ରଖି ତୃଣମୂଳ ସ୍ତରରେ ଇସି ସଦସ୍ୟାମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ସ୍କୁଟି ଯୋଜନାରେ ସାମିଲ କରିଥିଲେ । ଫଳରେ ବଡସାହି ବ୍ଲକରେ ୨୯୦୯ ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନାକରୁଥିବା ୬୦୦ ଇସି ସଭ୍ୟମାନଙ୍କ ମଧ୍ୟରୁ ଅଧିକାଂଶସଭ୍ୟମାନେ ସ୍କୁଟି ରଣ କରିଛନ୍ତି। ମାତ୍ର ବର୍ତ୍ତମାନର ସରକାର ଇସି ସଦସ୍ୟାମାନଙ୍କର ପୁର୍ନଃଗଠନ ପାଇଁ ବ୍ଲକକୁ ଚିଠି କରିଥିବାରୁ ସେମାନେ ମାନସିକ ଚାପରେ ଅଛନ୍ତି । ରଣସୁଝିବା ପାଇଁ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟରତ ଏହି ସଦସ୍ୟାମାନଙ୍କର ଚୁକ୍ତି କାଏମ ରଖିବା ପାଇଁ ଏହିଦାବିପତ୍ରରେ ଉଲ୍ଲେଖ ରହିଛି। ବଡସାହି ବ୍ଲକ ଇସିକାର୍ଯ୍ୟକାରିଣୀ କମିଟି ସଂଘର ସଭାପତି ପୂର୍ଣ୍ଣିମା ମିଶ୍ର, ସମ୍ପାଦିକା ସୁଲୋଚନା ରାଉତ, ଲତିକା ମାର୍ଣ୍ଡି, ପଙ୍କଜିନୀ ପଣ୍ଡା, ସ୍ନେହଲତା ମହାନ୍ତ, ସବିତା ବେହେରା ଓ ଅନିତା ରାଣୀ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସଦସ୍ୟାମାନେ ବିଡ଼ିଓଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

## ସଂପାଦକୀୟ

# ବନ୍ଧୁତ୍ୱର ହାତ

ଭାରତ ଯେଉଁ ସମୟରେ ଆନ୍ତର୍ଜାତିକ ପରିବେଶ ସୁରକ୍ଷା ଅଭିଯାନରେ ସାମିଲ ହୋଇ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାରର ପ୍ରସାର ଘଟାଇବା ନିମିତ୍ତ ବଦ୍ଧପରିକର ହୋଇଛି, ସେତେବେଳେ ପ୍ରଦୂଷଣହୀନ ଆଣବିକ ଶକ୍ତି ଉତ୍ପାଦନରେ 'ହୋଲ୍‌ଟେକ୍'ର ସହାୟତା ଭାରତ ପାଇଁ ବେଶ୍ ସମୟୋପଯୋଗୀ ସାବ୍ୟସ୍ତ ହେବ। 'ହୋଲ୍‌ଟେକ୍' ବିକାଶ କରିଥିବା 'ଏସ୍‌ଏମ୍‌ଆର୍-୩୦୦' ରିଆକ୍ଟର୍ ହେଉଛି 'ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏନର୍ଜି' ଅନୁମୋଦନ କରିଥିବା ସାତଟି ଉନ୍ନତ ରିଆକ୍ଟର୍ ଡିଜାଇନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ। ଯେଉଁ ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଆଖିବୁଜା ଟାରିଫ୍ ଆକ୍ରମଣର କିପରି ନିରାପଦ ମୁକାବିଲା କରାଯିବ, ପୃଥିବୀର ଅନ୍ୟ ସମସ୍ତ ଦେଶମାନଙ୍କ ଭଳି ଭାରତ ମଧ୍ୟ ତା'ର ଥଳକୂଳ ପାଉନାହିଁ, ସେଇ ସମୟରେ ସମସ୍ତଙ୍କୁ ଚକିତ କରିଦେଇ ଆମେରିକା ଭିନ୍ନ ଏକ କ୍ଷେତ୍ରରେ ଏପରି ଏକ ନିଷ୍ପତ୍ତି ଗ୍ରହଣ କରିଛି, ଯାହାକୁ ଭାରତ ପ୍ରତି ତା'ର ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବର ଏକ ଶକ୍ତିଶାଳୀ ନିଦର୍ଶନ ରୂପେ ବିଚାର କରାଯାଇପାରେ। ଆଜିକୁ ୧୮ ବର୍ଷ ତଳେ ଏଇଭଳି ଏକ ସୌହାର୍ଦ୍ଦ୍ୟର ବାର୍ତ୍ତା ବହନ କରି ଦୁଇ ଦେଶ ମଧ୍ୟରେ ଯେଉଁ ଯୁଗାନ୍ତକାରୀ ବେସାମରିକ ଆଣବିକ ଚୁକ୍ତି ('ଇଣ୍ଡୋ-ୟୁଏସ୍ ସିଭିଲ୍ ନ୍ୟୁକ୍ଲିଆର୍ ଆଗ୍ରିମେଣ୍ଟ') ସ୍ୱାକ୍ଷରିତ ହୋଇଥିଲା, ତାହା ଅନୁସାରେ ଏବେ ଆମେରିକା ସରକାର ଏକ ଅଭୂତପୂର୍ବ ନିଷ୍ପତ୍ତି ନେଇ ଭାରତରେ ଆଣବିକ ରିଆକ୍ଟର୍ ଡିଜାଇନ୍ ଓ ନିର୍ମାଣ କରିବା ପାଇଁ ଏକ ଆମେରିକୀୟ କଂପାନିକୁ ଅନୁମତି ପ୍ରଦାନ କରିଛନ୍ତି।

ଆମେରିକା ସରକାରର 'ଡିପାର୍ଟମେଣ୍ଟ ଅଫ୍ ଏନର୍ଜି' ('ଡିଓଇ') ମାର୍ଚ୍ଚ ୨୬ରେ ଏହି ନିଷ୍ପତ୍ତି ଗ୍ରହଣ କରି ଭାରତକୁ କ୍ଷୁଦ୍ର ଆକରର ମଡ୍ୟୁଲାର୍ ରିଆକ୍ଟର୍ ('ଏସ୍‌ଏମ୍‌ଆର୍') ନିର୍ମାଣ ଟେକ୍‌ନୋଲୋଜି ହସ୍ତାନ୍ତର କରିବା ନିମିତ୍ତ 'ହୋଲ୍‌ଟେକ୍ ଇଣ୍ଟରନେସନାଲ୍' ନାମକ ଏକ ଆମେରିକୀୟ କଂପାନିକୁ ଅନୁମତି ପ୍ରଦାନ କରିଛି। ଏହି ଅନୁମତି ବଳରେ କ୍ରିସ୍ ପି ସିଂହ ନାମକ ଜଣେ ଭାରତୀୟ ବଂଶୋଦ୍ଭବ ଆମେରିକୀୟଙ୍କ ଦ୍ୱାରା ପ୍ରତିଷ୍ଠିତ 'ହୋଲ୍‌ଟେକ୍' ତିନିଗୋଟି ଭାରତୀୟ କଂପାନି –ନିଜର ଶାଖା 'ହୋଲ୍‌ଟେକ୍ ଏସିଆ', 'ଟାଟା କନ୍‌ସଲ୍‌ଟିଙ୍ଗ୍ ଇଞ୍ଜିନିଅର୍ସ' ଓ ଲାର୍ସେନ୍ ଆଣ୍ଡ ଟୁବ୍ରୋ'–ଙ୍କୁ ୩୦ ମେଗାୱାଟ୍‌ରୁ ୩୦୦ ମେଗାୱାଟ୍ ପର୍ଯ୍ୟନ୍ତ କ୍ଷମତାସଂପନ୍ନ ଆଣବିକ ରିଆକ୍ଟର୍ ନିର୍ମାଣ ଜ୍ଞାନକୌଶଳ ହସ୍ତାନ୍ତର କରିପାରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ହୋଲ୍‌ଟେକ୍' ମଧ୍ୟ ଏଥିସହିତ ତିନିଗୋଟି ରାଷ୍ଟ୍ରାୟତ୍ତ ସଂସ୍ଥା –'ନିଉକ୍ଲିଆର୍ ପାୱାର୍ କର୍ପୋରେସନ୍ ଅଫ୍ ଇଣ୍ଡିଆ', 'ନେସନାଲ୍ ଥର୍ମାଲ୍ ପାୱାର୍ କର୍ପୋରେସନ୍' ଓ 'ଆଟମିକ୍ ଏନର୍ଜି ରିଭିଉ ବୋର୍ଡ'–ଙ୍କୁ ଏହି ଅନୁମୋଦିତ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ନିମିତ୍ତ ଆବେଦନ କରିଥିଲା; କିନ୍ତୁ ଭାରତ ସରକାର ଆଣବିକ ପ୍ରସାର ନ ଘଟିବା ('ନନ୍‌ପ୍ରୋଲିଫରେସନ୍') ପାଇଁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ ନ କରିବାରୁ ଏହା ସମ୍ଭବ ହେଲା ନାହିଁ। ତେବେ ଭାରତ ସରକାର ମାର୍ଚ୍ଚ ୩ରେ ପ୍ରଦାନ କରିଥିବା ଅନ୍ୟ ଏକ ପ୍ରତିଶ୍ରୁତି ଯୋଗୁଁ ଆମେରିକା ବର୍ତ୍ତମାନ 'ହୋଲ୍‌ଟେକ୍'କୁ ଏହି ଅନୁମୋଦନ ପ୍ରଦାନ କରିବା ସମ୍ଭବ ହୋଇଛି। ଏହା ଅନୁସାରେ ଯେଉଁ ଘରୋଇ କଂପାନିମାନେ 'ହୋଲ୍‌ଟେକ୍' ଠାରୁ ଏହି ଜ୍ଞାନକୌଶଳ ପାଇବେ, ସେମାନେ ତାହାକୁ 'ଇଣ୍ଟରନେସନାଲ୍ ଆଟମିକ୍ ଏନର୍ଜି ଏଜେନ୍ ?ସି'ର ତତ୍ତ୍ୱାବଧାନରେ କେବଳ ଶାନ୍ତିପୂର୍ଣ୍ଣ ବେସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ। 'ହୋଲ୍‌ଟେକ୍' ଟେକ୍‌ନୋଲୋଜି ହସ୍ତାନ୍ତର ସମ୍ବନ୍ଧରେ ପ୍ରତି ତିନି ମାସରେ ଥରେ 'ଡିଓଇ'କୁ ପୁଙ୍ଖାନୁପୁଙ୍ଖ ଭାବରେ ଜଣାଇବ। ଆମେରିକା ସରକାରଙ୍କର ଏହି ନିଷ୍ପତ୍ତି ଭାରତରେ ଆଣବିକ ଉପକରଣ ଡିଜାଇନ୍ କରିବା କିମ୍ବା ନିର୍ମାଣ କରିବା ପଥରେ ଆମେରିକୀୟ କଂପାନିମାନେ ସମ୍ମୁଖୀନ ହୋଇ ଆସୁଥିବା ପ୍ରତିବନ୍ଧକ ଦୂର କରିଛି। ଅବଶ୍ୟ ଆମେରିକା ସରକାରଙ୍କର ଏହି ଅନୁମୋଦନ କେତେଗୁଡ଼ିଏ ନିରାପତ୍ତା ସର୍ତ୍ତ ଉପରେ ଆଧାରିତ। ଉଦାହରଣ ସ୍ୱରୂପ ଉପରୋକ୍ତ ତିନି ଘରୋଇ କଂପାନିମାନଙ୍କ ମଧ୍ୟରୁ କେହିହେଲେ କେ ?ଣସି ରାଷ୍ଟ୍ରାୟତ୍ତ ଆଣବିକ ସଂସ୍ଥା ସହିତ କୌଣସି ମିଳିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବ ନାହିଁ। ଏହା ବ୍ୟତୀତ, ଆମେରିକା ସରକାରଙ୍କର ପୂର୍ବାନୁମତି ବିନା କେ ?ଣସି ଭାରତୀୟ କିମ୍ବା ବିଦେଶୀ ତୃତୀୟ ପକ୍ଷ ସହିତ ଜ୍ଞାନକୌଶଳ ବଣ୍ଟନ କରାଯାଇ ପାରିବ ନାହିଁ। ଆଣବିକ ଶକ୍ତି ବଜାରରେ 'ଏସ୍‌ଏମ୍‌ଆର୍' ପ୍ରତି ଚାହିଦା ବୃଦ୍ଧି ପାଉଥିବା ଯୋଗୁଁ ଏହି ଜ୍ଞାନକୌଶଳ ହସ୍ତାନ୍ତର ଭାରତକୁ ସେଇ ବଜାରରେ ଏକ ଶକ୍ତିଶାଳୀ ଅଂଶଗ୍ରହଣକାରୀରେ ପରିଣତ ହେବାରେ ସହାୟକ ହେବ। ଏପର୍ଯ୍ୟନ୍ତ ଭାରୀଜଳ ରିଆକ୍ଟର୍ ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଆସିଥିବା ଭାରତ ଏଥର ଆନ୍ତର୍ଜାତିକ ଧାରାରେ ସାମିଲ ହୋଇ 'ଏସ୍‌ଏମ୍‌ଆର୍'କୁ ଆପଣେଇବା ସମ୍ଭବ ହେବ। 'ହୋଲ୍‌ଟେକ୍' ମଧ୍ୟ ଆବଶ୍ୟକ ହେଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ନିର୍ଦ୍ଦିଷ୍ଟ ଭାବରେ ଆଣବିକ ଶକ୍ତି କ୍ଷେତ୍ରରେ ବିକାଶ ଉଦ୍ୟମରେ ସାମିଲ ହେବା ପାଇଁ ଗୁଜରାଟରେ ଅବସ୍ଥିତ ତା'ର ଉତ୍ପାଦନ କେନ୍ଦ୍ରର ସଂପ୍ରସାରଣ କରି ଅଧିକ ନିଯୁକ୍ତି ସୃଷ୍ଟି କରିବା ନିମିତ୍ତ ନିଜର ଆଗ୍ରହ ପ୍ରକାଶ କରିଛି।

କିନ୍ତୁ ଆମେରିକା ସରକାରଙ୍କ ଏଇ ଗୋଟିଏ ପଦକ୍ଷେପ ଦ୍ୱାରା ଉଭୟ ଦେଶ ମଧ୍ୟରେ ଆଣବିକ ସହଯୋଗ ପଥରେ ଥିବା ସମସ୍ତ ପ୍ରତିବନ୍ଧକ ଦୂର ହୋଇଗଲା ବୋଲି ଭାବିବା ଭୁଲ୍ ହେବ। ଏହି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ପାଇଁ ଭାରତକୁ ତଥାପି ଆଇନଗତ ପ୍ରତିବନ୍ଧକମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଯେମିତି, 'ସିଭିଲ୍ ଲାଏବିଲିଟି ଫର୍ ନିଉକ୍ଲିଆର୍ ଡାମେଜ୍ ଆକ୍ଟ, ୨୦୧୦' ('ସିଏଲ୍‌ଏନ୍‌ଡିଏ'), ଯାହା ଅନୁସାରେ ଦୁର୍ଘଟଣାଜନିତ କ୍ଷୟକ୍ଷତି ପାଇଁ ରିଆକ୍ଟର୍ ନିର୍ମାତାମାନଙ୍କୁ ଦାୟୀ କରାଯାଇ ସେମାନଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯିବା ପାଇଁ ନିୟମ କରାଯାଇଛି। ଏହା ବିଦେଶୀ ନିବେଶକମାନଙ୍କୁ ଛାନିଆ କରି ସେମାନଙ୍କୁ ଭାରତୀୟ ଆଣବିକ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ପଛଘୁଞ୍ଚା ଦେବାକୁ ବାଧ୍ୟ କରୁଛି। ସେହିପରି, ଘରୋଇ କଂପାନିମାନେ ଆଣବିକ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରବେଶ କରିବା ନିମିତ୍ତ ବର୍ତ୍ତମାନ ଦେଶରେ ବଳବତ୍ତର ଥିବା 'ଆଟମିକ୍ ଏନର୍ଜି ଆକ୍ଟ'ରେ ସଂଶୋଧନ ଆବଶ୍ୟକ। ଭାରତ ସରକାର ଏ ଦିଗରେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି। ଭାରତ ଯେଉଁ ସମୟରେ ଆନ୍ତର୍ଜାତିକ ପରିବେଶ ସୁରକ୍ଷା ଅଭିଯାନରେ ସାମିଲ ହୋଇ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାରର ପ୍ରସାର ଘଟାଇବା ନିମିତ୍ତ ବଦ୍ଧପରିକର ହୋଇଛି, ସେତେବେଳେ ପ୍ରଦୂଷଣହୀନ ଆଣବିକ ଶକ୍ତି ଉତ୍ପାଦନରେ 'ହୋଲ୍‌ଟେକ୍'ର ସହାୟତା ଭାରତ ପାଇଁ ବେଶ୍ ସମୟୋପଯୋଗୀ ସାବ୍ୟସ୍ତ ହେବ। 'ହୋଲ୍‌ଟେକ୍' ବିକାଶ କରିଥିବା 'ଏସ୍‌ଏମ୍‌ଆର୍-୩୦୦' ରିଆକ୍ଟର୍ ହେଉଛି 'ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏନର୍ଜି' ଅନୁମୋଦନ କରିଥିବା ସାତଟି ଉନ୍ନତ ରିଆକ୍ଟର୍ ଡିଜାଇନ୍‌ମାନଙ୍କ ମଧ୍ୟରୁ ଅନ୍ୟତମ। ବ୍ରିଟେନ୍ ଓ କାନାଡାରେ ଏହାର ବ୍ୟବହାର ଆରମ୍ଭ କରାଯିବା ନିମିତ୍ତ ଆବଶ୍ୟକ ପ୍ରାଥମିକ ପ୍ରସ୍ତୁତିପର୍ବ ଆରମ୍ଭ ହୋଇସାରିଲାଣି ବୋଲି ସୂଚନା ପ୍ରକାଶ ପାଇଛି। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ତେଣୁ ଏହି ନୂତନ ଆଣବିକ ବିପ୍ଳବକୁ ଆଗେଇ ନେବା ପାଇଁ ଭାରତ ଅନୁକୂଳ କ୍ଷେତ୍ର ପ୍ରସ୍ତୁତ କରିବା ନିମିତ୍ତ ଉପରୋକ୍ତ ଆଇନମାନଙ୍କରେ ତୁରନ୍ତ ସଂଶୋଧନ କରିବାକୁ ପଦକ୍ଷେପ ନେବା ଆବଶ୍ୟକ। ବିଶେଷ କରି ଉପରୋକ୍ତ 'ସିଏଲ୍‌ଏନ୍‌ଡିଏ'ର ଉପଧାରା ୧୭(ବି)ରେ ସଂଶୋଧନ କରା ନ ଯିବା ଯାଏ, 'ଜିଇ-ହିଟାଚି', 'ୱେଷ୍ଟିଙ୍ଗ୍ ହାଉସ୍' ଓ ଫ୍ରାନ୍‌ସର 'ଆରେଭା' ଭଳି ପୃଥିବୀର ପ୍ରମୁଖ ଆଣବିକ ଭେଣ୍ଡରମାନେ ଭାରତର ଆଣବିକ କ୍ଷେତ୍ରରେ ନିବେଶ କରିବା ପାଇଁ ଆଗେଇ ଆସିବା ସମ୍ଭାବନା କ୍ଷୀଣ। ଆମେରିକା ପ୍ରଦର୍ଶନ କରିଥିବା ଏହି ବିରଳ ବନ୍ଧୁତ୍ୱରୁ ସର୍ବାଧିକ ସମ୍ଭବ ଲାଭ ଉଠାଇବା ପାଇଁ ଭାରତ ସରକାର ତୁରନ୍ତ ଅନାବଶ୍ୟକ ଆଇନଗତ ପ୍ରତିବନ୍ଧକମାନ ହଟାଇବାକୁ ଆଗେଇ ଆସିବା ଆଶା କରାଯାଏ।

# ବିକଶିତ ଭାରତ ଓ ନିଶାଗ୍ରସ୍ତ ଯୁବଶକ୍ତି

ଜନଗଣନା ଅନୁସାରେ ଭାରତବର୍ଷ ପୃଥିବୀର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାବରେ ପରିଗଣିତ ହୋଇ ଚୀନ୍‌କୁ ପଛରେ ପକାଇଛି। ଚୀନ୍ ସଠିକ୍ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରି ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସଫଳ ହୋଇଛି। କିନ୍ତୁ ଭାରତବର୍ଷର ଅନିୟନ୍ତ୍ରିତ ଜନବିସ୍ଫୋରଣ ଏହାର ମୁଖ୍ୟ କାରଣ। ଚୀନ୍ ଜନସଂଖ୍ୟା ଅଧିକ ହେଲେ ମଧ୍ୟ ସରକାର ଜନସମୁଦାୟର କର୍ମସଂସ୍ଥାନ କରାଇପାରିଛି ଭାରିଶିଳ୍ପ ଓ କୁଟୀରଶିଳ୍ପ ମାଧ୍ୟମରେ। ଏହି କାରଣରୁ ଚୀନ୍‌ରେ ପ୍ରସ୍ତୁତ ବସ୍ତୁ ଅନ୍ୟ ଦେଶ ତୁଳନାରେ ଶସ୍ତା। ଉତ୍ପାଦିତ ବସ୍ତୁ ଖାଉଟିମାନଙ୍କ ନିକଟରେ ପହଞ୍ଚାଇବା ସେମାନଙ୍କ ବଜାରୀକରଣ ଯୋଜନା ଓ ସୁସଂହତ ବ୍ୟବସ୍ଥା ଚୀନ୍ ଉତ୍ପାଦକୁ ବିଶ୍ୱାଦୃତ କରିପାରିଛି। ଅନ୍ୟ ଏକ କାରଣ ହେଉଛି ସେଠାର ଶାସନ ବ୍ୟବସ୍ଥାର ଅଙ୍କୁଶ ଜନସାଧାରଣଙ୍କୁ କର୍ମଠ କରାଇବାରେ ବାଧ୍ୟ କରିଛି। କିନ୍ତୁ ଭାରତରେ ଅଧିକାଂଶ ଶ୍ରମ କାତର। ଏହି କର୍ମ ବିମୁଖତାର ମୁଖ୍ୟ କାରଣ ମାଗଣା ରାସନ୍, ଆହାର କେନ୍ଦ୍ରରେ ଶସ୍ତାରେ ଖାଦ୍ୟ ମିଳିବା। ପଶ୍ଚିମ ଓଡ଼ିଶାରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି – 'ସୁଖ ବାସିଆ'। ଏହାର ଅର୍ଥ ହେଉଛି – ଯେଉଁ ଗରିବ, ଖଟିଖିଆ, ମୂଲିଆର ଗୋଟିଏ ବେଳାର ଖାଦ୍ୟ ଅଛି, ପରବର୍ତ୍ତୀ ଓଳି କାମ ନକରି ହାଣ୍ଡିଆ ପିଇ ଶୋଇବା ଅଳସୁଆର ଲକ୍ଷଣ।

ଏତେ ସବୁ ବିପରୀତ ସ୍ଥିତିରେ ମଧ୍ୟ ଭାରତବର୍ଷ ଅର୍ଥନୀତିରେ ପୂର୍ବରୁ ଥିବା ଦଶମ ସ୍ଥାନରୁ ଉନ୍ନୀତ ହୋଇ ପଞ୍ଚମ ସ୍ଥାନରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ତୃତୀୟ ସ୍ଥାନରେ ପହଞ୍ଚିବା ଆକଳନ କରାଯାଇଛି। ତେଣୁ ଭାରତ ଏକ ଦ୍ରୁତବିକାଶଶୀଳ ଅର୍ଥ ବ୍ୟବସ୍ଥା ଦିଗରେ ଧାବମାନ। ଏହାର ମୁଖ୍ୟ କାରଣ ଭାରତର ଯୁବବର୍ଗ, ଯେଉଁମାନଙ୍କ ବୟସ ୨୫ରୁ ୩୫ ବର୍ଷ ମଧ୍ୟରେ। ସେମାନେ ଉଚ୍ଚଶିକ୍ଷିତ, କର୍ମଠ ଓ ଶରୀରରେ ପ୍ରଚୁର ଶକ୍ତି ଓ ଉତ୍ସାହ ଅଛି। ନୂଆ ନୂଆ ବସ୍ତୁ ତିଆରି କରି ଭାରତକୁ ନୂତନ ଶିଖରରେ ପହଞ୍ଚାଇବାରେ ସକ୍ଷମ କରାଇଛି। ସରକାରୀ ପ୍ରବର୍ତ୍ତିତ ଷ୍ଟାର୍ଟଅପ୍, ବିଶେଷକରି ଆଇ.ଆଇ.ଟି.- ମାଡ୍ରାସର ପୁରାତନ ଛାତ୍ରଙ୍କ (ଆଲୁମିନି) ଅନ୍ତରୀକ୍ଷ କ୍ଷେତ୍ରରେ ଗବେଷଣା ସେମାନଙ୍କୁ ସହାୟକ ହୋଇଛି ବୋଲି ନିଜନିଜ ଅନୁଭବରେ ପ୍ରକାଶ କରିଛନ୍ତି। ପୂର୍ବରୁ ଆମ ଦେଶ ଛୁଞ୍ଚିଠାରୁ ଉଡ଼ାଜାହାଜ ପର୍ଯ୍ୟନ୍ତ ସମସ୍ତ ଜରୁରୀ ଦ୍ରବ୍ୟ ପାଇଁ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳ ଥିଲା। ଅଧୁନାତନ ଯୁବବର୍ଗ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ଚନ୍ଦ୍ରଯାନ-୩କୁ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ଅନ୍ଧକାର ସ୍ଥାନର ଶିବଶକ୍ତି ବିନ୍ଦୁରେ ସ୍ଥାପନ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି, ଯାହା ଅନ୍ୟାନ୍ୟ ଉନ୍ନତ ସମସ୍ତ ବିକଶିତ ଦେଶମାନଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। ସେହିପରି ଯୁଦ୍ଧ ସରଞ୍ଜାମ, ରକେଟ୍ ଇତ୍ୟାଦି ତିଆରି କରି ଭାରତ ଅନ୍ୟାନ୍ୟ ଦେଶକୁ ଜ୍ଞାନକୌଶଳ ବିକ୍ରି କରିବା ଆରମ୍ଭ କରିଛି, ଯାହା କିଛିବର୍ଷ ପୂର୍ବରୁ ସ୍ୱପ୍ନ ଥିଲା। ଏତଦ୍‌ବ୍ୟତୀତ ସୋଲାର ପ୍ୟାନେଲ୍, କରୋନା ଟୀକା, ବୈଦ୍ୟୁତିକ ଯାନ, ଉଦ୍‌ଯାନଚାଳିତ ରେଳଇଞ୍ଜିନ୍, ଉନ୍ନତ କୃଷି ଯନ୍ତ୍ରପାତି, ଖାଦ୍ୟ ପ୍ରଦାର୍ଥ ଆଦି ପ୍ରତି କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଛି ଭାରତ ଯୁବବର୍ଗଙ୍କ ଯୋଗୁଁ।

ଯୁବ ଭାରତବର୍ଷ ପ୍ରଗତିର ଗୋଟିଏ ଗୋଟିଏ ସିଡ଼ି ଅତିକ୍ରମ କରିଚାଲିଛି ଏଥିରେ ଦ୍ୱିମତ ନାହିଁ। କିନ୍ତୁ ଯୁବବର୍ଗର ଅଧିକାଂଶ ନିଶାଗ୍ରସ୍ତ। କଳାବଜାରୀ ବା ଅନୁପ୍ରବେଶକାରୀମାନଙ୍କ ଦ୍ୱାରା ଆଫ୍‌ଗାନିସ୍ତାନ, ବାଂଲାଦେଶ ବା ମିଆଁମାରରୁ ଆସୁଥିବା ବ୍ରାଉନ୍ ସୁଗର/କୋକେନ୍ ବା ଦେଶରେ ପ୍ରସ୍ତୁତ ଦେଶୀ ବିଦେଶୀ ମଦ, ଗଞ୍ଜେଇ, ଅଫିମ ଆଦି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ସେବନ ମୁଖ୍ୟ କାରଣ। ଦିଲ୍ଲୀ, ମଧ୍ୟପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ ହଜାରହଜାର କୋଟି ଟଙ୍କାର ବ୍ରାଉନ୍‌ସୁଗର ଜବତ ଏହାର ପ୍ରମାଣ। ପଞ୍ଜାବ ଭଳି ସୀମାବର୍ତ୍ତୀ ରାଜ୍ୟରେ ଡ୍ରଗସ୍ ମାଫିଆମାନଙ୍କର ଦୌରାତ୍ମ୍ୟ ପ୍ରବଳ। କିଛି ଲୋକ ମଦ୍ୟପାନକୁ ଆରିଷ୍ଟୋକ୍ରାସି ଭାବିଥା'ନ୍ତି। କିଛି ଯୁବକ, ସାଥୀ ମେଳରେ ଥରେ ବା ଦୁଇଥର ସେବନ କରିବା ପରେ ଅଭ୍ୟାସଗତ ନିଶାସକ୍ତ ହୋଇଯା'ନ୍ତି। ମଦ ପିଇ ବା ନିଶାଗ୍ରସ୍ତ ଅବସ୍ଥାରେ ନିଜ ଆତ୍ମୀୟ, ପରିବାର ସଦସ୍ୟ, ନିକଟ ସମ୍ପର୍କୀୟଙ୍କୁ ହତ୍ୟା କିମ୍ବା ଦୁଷ୍କର୍ମ କରିବାରେ ପଛାଇ ନଥା'ନ୍ତି। ସରକାରଙ୍କ ସ୍ପଷ୍ଟୀକରଣ ଯେ ମଦ ବିକ୍ରୟରୁ ରାଜସ୍ୱ ମିଳୁଛି। ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଯେତେ ରାଜ୍ୟସ୍ୱ ମିଳୁଛି, ତା' ଠାରୁ ବହୁ ଅଧିକ ଖର୍ଚ୍ଚ ହୁଏ ମଦ୍ୟପାନ ଜନିତ ରାସ୍ତା ଦୁର୍ଘଟଣା, ନିଶାରୁ ସୃଷ୍ଟି ହେଉଥିବା ବ୍ୟାଧିର ଚିକିତ୍ସା ଓ ଅବକାରୀ ବିଭାଗର ଦରମାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଦ ପିଇ, ମାତାଲହୋଇ ରୋଗଗ୍ରସ୍ତ ବା ଦୁର୍ଘଟଣାରେ ଅଳ୍ପ ବୟସରେ ମୃତ୍ୟୁବରଣ କଲେ ତା'ର ପରିବାର, ସ୍ତ୍ରୀ ଓ ସନ୍ତାନ ଅନାଥ ହୋଇଯା'ନ୍ତି। ଏଣୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମଦ ରାଜ୍ୟସ୍ୱ ଜରୁରୀ କି ପରିବାର କଲ୍ୟାଣ ଜରୁରୀ ତାହା ବିଚାର କରିବାର କଥା। ଏହି କାରଣରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ବିଭିନ୍ନ ସମୟରେ ନିଶାମୁକ୍ତ ଭାରତବର୍ଷ ଗଠନ ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ ମଦ ସମ୍ପୂର୍ଣ୍ଣ ବନ୍ଦ ହେଲେ ପୃଥିବୀର ଅଧିକାଂଶ ଜେଲ୍ ଓ ଡାକ୍ତରଖାନାର ଶଯ୍ୟା ଖାଲିପଡ଼ିବ। ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ସାମାଜିକ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ସହିତ ନିଶାମୁକ୍ତ ଭାରତ ଗଠନରେ ସହାୟତା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଅନ୍ୟ ଦିଗରେ ମଦ ନିଗମ ଦ୍ୱାରା ମଦ ବିପଣନ କରିବା ବା ପ୍ରୋତ୍ସାହନ ଦେବା ବା କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଶାମୁକ୍ତ କେନ୍ଦ୍ର ସ୍ଥାପନ ବା ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟିକରିବା ଏକ ବିପରୀତ ଧର୍ମୀ ବ୍ୟବସ୍ଥା। ତେଣୁ ସରକାରଙ୍କୁ ଅନୁରୋଧ ମଦ ନିଗମ ବନ୍ଦ କରିବା ସହ ମଦ ବା ସମସ୍ତ ପ୍ରକାର ନିଶାଦ୍ରବ୍ୟ ବିକ୍ରି ବନ୍ଦ କରି ଏବଂ ନିଜ ନିର୍ବାଚନ ସଂକଳ୍ପପତ୍ରକୁ କାର୍ଯ୍ୟକାରୀ କରନ୍ତୁ ଜନସାଧାରଣଙ୍କ ମଙ୍ଗଳ ପାଇଁ।

ଡ. ବିଜୟ କୁମାର ସ୍ୱାଇଁ
(ଅବସରପ୍ରାପ୍ତ ଅଧକ୍ଷ ତଥା ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ଉପସଭାପତି)
ମୋ: ୯୪୩୭୦୫୫୦୫୮

# ଅସୁସ୍ଥ ଭାରତର ଭବିଷ୍ୟତ

ଅସିତ ମହାନ୍ତି

କଥାରେ କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ମଣିଷ ସୁସ୍ଥ ରହିଲେ ଅଧିକ ଦିନ ବଞ୍ଚିଥାଏ। ସୁସ୍ଥ ମଣିଷ ସମାଜ ଓ ଦେଶର ବିକାଶରେ ଅଧିକ ସହଯୋଗ ଦେଇଥାଏ। ଅଧିକ ଦିନ ବଞ୍ଚୁଥିବା ଅନୁଭବୀ ଲୋକଙ୍କ ଦକ୍ଷତାକୁ ପୁଞ୍ଜିକରି ଦେଶର ଅର୍ଥନୀତି ଶକ୍ତିଶାଳୀ ହୋଇଥାଏ ବୋଲି କୁହାଯାଏ। ଜାପାନ ଅଧିକ ସୁସ୍ଥ ଲୋକଙ୍କ ପାଇଁ ଜନସଂଖ୍ୟାରେ ଛୋଟ ହେଲେ ମଧ୍ୟ ଅର୍ଥନୀତିରେ ଏସିଆର ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ବିଗତ ଶହେବର୍ଷରୁ ଅଧିକ କାଳ ହେଲା ଅଗ୍ରଣୀ ରହିଆସିଛି। କିନ୍ତୁ ସେ ତୁଳନାରେ ଭାରତର ସ୍ଥାନ ଅନେକ ପଛରେ ରହିଛି। ଯଦିଓ ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ସାମିଲ ହେବା, ଦୁଇ ଦୁଇଟି ବିଭାଜନର ରକ୍ତାକ୍ତ ସଂଘର୍ଷକୁ ସାମନା କରିବା, ସ୍ୱାଧୀନତା ପର ୫୦ବର୍ଷ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଧନୀ ରାଷ୍ଟ୍ରଗୁଡ଼ିକର ଗୋଷ୍ଠୀରୁ ବାହାରେ ରହିବା, ପଡ଼ୋଶୀ ରାଷ୍ଟ୍ର ସହ ୪ଟି ଯୁଦ୍ଧରେ ସାମିଲ ହେବା, ଚାରି ଦଶନ୍ଧି ଧରି ସନ୍ତ୍ରାସର ଛାୟା ଯୁଦ୍ଧକୁ ମୁକାବିଲା କରିବା, ସ୍ୱାଧୀନତା ପରେ ୫୦ବର୍ଷ କାଳ ଗୋଟିଏ ଦଳର ସରକାର ଦେଶକୁ ଶାସନ କରିଆସିବା ଯୋଗୁ ଭାରତରେ ବିକାଶର ଯେଉଁ ପ୍ରତିଯୋଗିତା ଦେଖାଦେବାର ଥିଲା ତାହା ସମ୍ଭବ ହେଲା ନାହିଁ। ଅତୀତର ଅହଂସର୍ବସ୍ୱ ଏବଂ ଦୂରଦୃଷ୍ଟିବିହୀନ ଦୁର୍ବଳ ନେତୃତ୍ୱ ଯୋଗୁ ଆଜି ଭାରତ ତୁଳନାତ୍ମକ ଦୃଷ୍ଟିରୁ ପଡ଼ୋଶୀ ରାଷ୍ଟ୍ର ଚୀନଠାରୁ ବହୁପଛରେ ପଡ଼ିଛି। ଯଦିଓ ଭାରତ ଓ ଚୀନ ପାଖାପାଖି ବର୍ଷରେ ସ୍ୱାଧୀନତା ପାଇଥିଲେ ମଧ୍ୟ ଭାରତର ଦୁର୍ବଳ ନେତୃବୃନ୍ଦ ଦେଶକୁ ପ୍ରଗତିର ଠିକଣା ପଥକୁ ଆଣି ନପାରିବା ହେତୁ ସ୍ୱାଧୀନତା ପର ୨୫ ବର୍ଷ ପର୍ଯ୍ୟନ୍ତ ଦେଶରେ ଗୋଟିଏ ବି ଔଷଧ ନିର୍ମାଣକାରୀ କାରଖାନା ମଥା ଟେକିପାରି ନଥିଲା। ଦେଶର ଜନସାଧାରଣଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଆବଶ୍ୟକ ଢାଞ୍ଚାଗତ ବ୍ୟବସ୍ଥା ନିର୍ମାଣ ନ ହେବା ଯୋଗୁ ଆଜି ଭାରତର ଅସୁସ୍ଥ ଜନଶକ୍ତି ଭାରତ ପାଇଁ ବୋଝ ସଦୃଶ ହୋଇଛନ୍ତି।

ପୃଥିବୀରେ ଶସ୍ତା ଔଷଧର ଅନ୍ୟତମ ବଡ କେନ୍ଦ୍ର ବୋଲି କୁହାଯାଉଥିବା ଭାରତରେ ଏବେ ମଧ୍ୟ ଗ୍ରାମାଞ୍ଚଳରେ ୮୦ ପ୍ରତିଶତ ଡାକ୍ତରଙ୍କର ଅଭାବ ରହିଛି। ୧୯୪୭ରେ ଦେଶରେ ମାତ୍ର ୭୦୦ଟି ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଥିଲା ବେଳେ ଏବେ ତାହା ୩୬୦୦୦କୁ ଛୁଇଁଛି। ସେହିପରି ସେ ସମୟରେ ୭୦୦୦ ଡାକ୍ତରଖାନା ଥିଲାବେଳେ ଆଜି ୬୯୦୦୦ ଡାକ୍ତରଖାନାରେ ୨୦ଲକ୍ଷ ରୋଗୀଙ୍କ ପାଇଁ ଶଯ୍ୟା ରହିଛି। ପ୍ରତି ହଜାରରେ ଲୋକଙ୍କ ପାଇଁ ୧୯୪୭ରେ ୦.୨୪ ରୋଗ ଶଯ୍ୟା ଥିଲାବେଳେ ଏବେ ୦.୫୫ ଶଯ୍ୟା ରହିଛି। ଦେଖିବାକୁ ଗଲେ ସ୍ୱାଧୀନତା ବେଳର ଜନସଂଖ୍ୟା ତୁଳନାରେ ବର୍ତ୍ତମାନର ଜନସଂଖ୍ୟା ପ୍ରାୟ ୪ଗୁଣ ବୃଦ୍ଧି ହୋଇଥିଲେ ହେଁ ଚିକିତ୍ସା ସୁବିଧା ସେହି ଅନୁପାତରେ ବଢି ନପାରି ମାତ୍ର ୨ଗୁଣରୁ ଅଧିକ କିଛି ବଢ଼ିଛି। ୨୦୦୧ର ହିସାବ ଅନୁସାରେ ୮୧.୨ ପ୍ରତିଶତ ଗ୍ରାମାଞ୍ଚଳର ଚିକିତ୍ସକ ଅଶିକ୍ଷିତ ରହିଥିଲେ। ୩୧ ପ୍ରତିଶତ ଗ୍ରାମାଞ୍ଚଳ ଚିକିତ୍ସକଙ୍କ ଶିକ୍ଷାଗତ ଯୋଗ୍ୟତା ୨୦୧୬ରେ ମାଧ୍ୟମିକ ସ୍ତରରେ ଥିଲା। ଦେଶରେ ୬୨୦୦୦ ସୁସ୍ଥତା କେନ୍ଦ୍ର ସ୍ଥାପନ କରାଯିବା ପାଇଁ ଲକ୍ଷ୍ୟ ଥିଲା ବେଳେ ମାତ୍ର ୪୦୦୦ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଛି। ଜିଡ଼ିପିର ମାତ୍ର ୧.୨ ପ୍ରତିଶତ ଭାରତରେ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ ହେବା ପୃଥିବୀରେ ବହୁତ କମ୍। ପୃଥିବୀରେ ଜିଡ଼ିପିର ୬ ପ୍ରତିଶତ ଖର୍ଚ୍ଚ ପାଇଁ କୁହାଯାଉଥିଲା ବେଳେ ଚୀନ ୫ ପ୍ରତିଶତ ଖର୍ଚ୍ଚ କରୁଛି ଏବଂ ଭାରତ ମାତ୍ର ୨.୫ ରୁ ୩ ପ୍ରତିଶତ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛି। ପୃଥିବୀରେ ହାରାହାରି ୧୮.୫ ପ୍ରତିଶତ ଅସୁସ୍ଥ ଥିଲାବେଳେ ଭାରତରେ ଏହିସଂଖ୍ୟା ୬୫ ପ୍ରତିଶତ। କର୍କଟ, ଯକ୍ଷ୍ମା, ମଧୁମେହ ପରି ଜୀବନଧାରା ଆଧାରିତ ରୋଗୀଙ୍କ ସଂଖ୍ୟା ଦେଶରେ ଏବେ ସର୍ବାଧିକ।

ଦେଖିବାକୁ ଗଲେ ଭାରତରେ ଆଧୁନିକ ଚିକିତ୍ସା ସୁବିଧା (ଏଲୋପାଥିକ) ଫେବ୍ରୁଆରୀ ୧୮୩୫ରେ ଆରମ୍ଭ ହୋଇଥିଲା। କୋଲକାତା ମେଡ଼ିକାଲ କଲେଜର ୫୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୭ରୁ ୧୨ ଟଙ୍କା ମାସିକ ଷ୍ଟାଇପେଣ୍ଡ ଅର୍ଥ ଦେଇ ଶିକ୍ଷା ବ୍ୟବସ୍ଥା କରାଯାଇଥିଲା। ୧୯୪୭ବେଳକୁ ଦେଶରେ ୧୯ଟି ମେଡ଼ିକାଲ ସ୍କୁଲ ରହିଥିଲା, ମାତ୍ର ୪୭୦୦୦ ଡାକ୍ତର ରହିଥିଲେ। ସେ ସମୟରେ ଦେଶର ପ୍ରତି ୬୩୦୦ଲୋକଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିଲା ବେଳେ ଆଜି ପ୍ରତି ୧୦୭୮ ବ୍ୟକ୍ତିଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶ ଅନୁଯାୟୀ ଏହି ହାର ପ୍ରତି ୧୦୦୦ରେ ଜଣେ ରହିବା ଦରକାର। ସେହିପରି ଭାରତରେ ୧୦୦୦ ଜନସଂଖ୍ୟାରେ ମାତ୍ର ୨ଜଣ ସେବିକା (ନର୍ସ) ରହିଛନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ଅନୁଯାୟୀ ଏହି ଅନୁପାତ ପ୍ରତିହଜାର ଜନସଂଖ୍ୟାରେ ୩ଜଣ ସେବିକା ରହିବା ଆବଶ୍ୟକ। ଯେଉଁ କାରଣରୁ ୨୦୧୯ରେ ଭାରତର ଡାକ୍ତରମାନଙ୍କୁ "ମୁଁ ଅଧିକ କାର୍ଯ୍ୟ ଚାପରେ ରହିଛି" ବୋଲି ଏକ ଘୋଷଣା ସହ ଆନ୍ଦୋଳନ କରିବାକୁ ହୋଇଥିଲା। ୧୯୪୭ରେ ଦେଶରେ ୪୨୫୨୪ଜଣ ଏଲୋପାଥିକ ଶିକ୍ଷିତ ଡାକ୍ତର ଥିଲାବେଳେ ଜୁନ୍ ୨୦୨୨ବେଳକୁ ସେହି ସଂଖ୍ୟା ୧୩ଲକ୍ଷ ୮ହଜାରରେ ପହଞ୍ଚିଛି (୧୩,୦୮,୦୦୯)। ଯଦି ଆୟୁଷ ଡାକ୍ତରଙ୍କ ୫୬୫୦୦୦ସଂଖ୍ୟାକୁ ମିଶାଯାଏ ତେବେ ଦେଶର ଡାକ୍ତର ସଂଖ୍ୟା ଜନସଂଖ୍ୟା ଅନୁପାତରେ ଡାକ୍ତର ପିଛା ୮୫୪ରହିବ। ୧୯୪୭ରେ ଦେଶରେ ୭୦୦୦ ସେବିକା ଥିଲାବେଳେ ଜୁନ ୨୦୨୨ ବେଳକୁ ଏହି ସଂଖ୍ୟା ୩୩ଲକ୍ଷ ୯୮ ହଜାରକୁ ଛୁଇଁଛି। ସେମିତି ପ୍ରତି ହଜାରରେ ୩ଜଣ ଦାନ୍ତ ଡାକ୍ତର ରହିବା ଆବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। କିନ୍ତୁ ଭାରତରେ ପ୍ରତି ୧୦୦୦ ଜନସଂଖ୍ୟାରେ ମାତ୍ର ୧.୯୬ଜଣ ଦାନ୍ତ ଡାକ୍ତର ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପୃଥିବୀର ୧୯୫ଟି ଦେଶର ସ୍ୱାସ୍ଥ୍ୟ ସେବା ସୂଚକାଙ୍କରେ ଭାରତକୁ ୧୪୫ତମ ସ୍ଥାନରେ ରଖିଛି। ସ୍ୱାସ୍ଥ୍ୟସେବା ପ୍ରଦାନରେ ଭାରତର ପଡ଼ୋଶୀ ଚୀନ (୪୮), ଶ୍ରୀଲଙ୍କା (୭୧), ବଙ୍ଗଳାଦେଶ (୧୩୩) ଆଗରେ ରହିଛନ୍ତି। ପୃଥିବୀର ୨୦ ପ୍ରତିଶତ ରୋଗୀ ଭାରତରେ ହିଁ ରହିଛନ୍ତି। ସେମିତି ବିଶ୍ୱର ୬ ପ୍ରତିଶତ ରୋଗଶଯ୍ୟା, ୮ ପ୍ରତିଶତ ସେବିକା, ୮ ପ୍ରତିଶତ ଡାକ୍ତର ଭାରତରେ ରହିଛନ୍ତି। ହିସାବରେ ୧୯ଲକ୍ଷ ରୋଗୀଶଯ୍ୟା, ୯୫୦୦୦ ଆଇସିୟୁ ଶଯ୍ୟା, ୪୮୦୦୦ ଭେଣ୍ଟିଲେଟର ଯୁକ୍ତ ଶଯ୍ୟା ଭାରତରେ ରହିଛି। ବିଶ୍ୱର ୨ରୁ ୩ ପ୍ରତିଶତ ମ୍ୟାଲେରିଆ ରୋଗୀ ଏବଂ ୨୬ ପ୍ରତିଶତ ଯକ୍ଷ୍ମାରୋଗୀ ଭାରତରେ ରହିଛନ୍ତି। ଏସବୁ ମଧ୍ୟରେ ୧୯୪୭ରେ ମ୍ୟାଲେରିଆ ରୋଗୀଙ୍କ ମୃତ୍ୟୁହାର ଭାରତରେ ୧୦ଲକ୍ଷ ଥିଲାବେଳେ ୨୦୨୧ରେ ୭୭ରେ ସୀମିତ ରହିଛି। ୧୯୭୭ରୁ ବସନ୍ତ ରୋଗ ଦେଶରୁ ଯାଇଛି। ପୋଲିଓ ରୋଗୀ ୧୩ ଜାନୁଆରୀ ୨୦୧୧ ପରେ ଦେଖାଯାଉନାହାନ୍ତି। ଶିଶୁ ଟୀକାକରଣରେ ଭାରତରେ ୭୬ ପ୍ରତିଶତ ଶିଶୁ ଟୀକା ନେଇଛନ୍ତି। ସେମିତି ୧୨ ଅକ୍ଟୋବର ୨୦୨୨ ସୁଦ୍ଧା ଦେଶରେ କୋରୋନା ଟୀକାକରଣ ୨୧୯.୯କୋଟି (୨୧୯,୦୯,୬୯,୫୭୨) ରେ ପହଞ୍ଚିଛି। ଦେଶରେ ୫୦୦୦ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଥିଲା ବେଳେ ତନ୍ମଧ୍ୟରେ ୪୦୦୦ ଷ୍ଟାର୍ଟଅପ୍ ରହିଛନ୍ତି। ବିଶ୍ୱର ଚିକିତ୍ସା କ୍ଷେତ୍ରରେ ହେଉଥିବା ଗବେଷଣା ନିବନ୍ଧ ମଧ୍ୟରୁ ୭.୭ ପ୍ରତିଶତ (୩୮,୫୯୫) ଭାରତରେ ପ୍ରକାଶ ପାଇଥାଏ।

ଭାରତରେ ଆଧୁନିକ ସ୍ୱାସ୍ଥ୍ୟ ଗବେଷଣାର ଇତିହାସ ପ୍ରାୟ ୪୦ ବର୍ଷରୁ କିଛି ଅଧିକ କାଳର। ୧୯୭୮ରେ ବେସରକାରୀ ସଂସ୍ଥା ବାଇଓକନ୍ ସର୍ବପ୍ରଥମେ ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଥିଲା। ୧୯୮୧ରେ ସିଏସ୍‌ଆଇଆର ପକ୍ଷରୁ ହାଇଦ୍ରାବାଦରେ ସେଣ୍ଟର ଫର ସେଲୁଲାର ଏଣ୍ଡ ମୋଲେକୁଲାର ବାଇଓଲୋଜି ଖୋଲିଥିଲା। ୧୯୮୪ରେ ଚଣ୍ଡିଗଡଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାଇକ୍ରୋବିଆଲ୍ ଟେକ୍‌ନୋଲୋଜି ସ୍ଥାପନା ହୋଇଥିଲା। ୧୯୮୬ରେ ଭାରତ ସରକାର ଏକ ମନ୍ତ୍ରଣାଳୟ ଡିପାର୍ଟମେଣ୍ଟ ଅଫ୍ ବାଇଓ ଟେକ୍‌ନୋଲୋଜି ଖୋଲିଥିଲେ। ୧୯୯୪ରେ ଦେଶର ପ୍ରଥମ ସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନ ସିନ୍‌ଜେନ ଗବେଷଣା ଓ ବିକାଶ କ୍ଷେତ୍ରରେ କାର୍ଯ୍ୟାରମ୍ଭ କଲା। ୧୯୯୭ରେ ସେଣ୍ଟର ଫର ବାଇଓଲୋଜିକାଲ ଟେକ୍‌ନୋଲୋଜି ସ୍ଥାପିତ ହୋଇଥିଲା,ଯାହା ଜେନୋମିକ୍ସ ଏବଂ ବାଇଓଇନଫରମାଟିକ୍ସ କ୍ଷେତ୍ରରେ କାର୍ଯ୍ୟକଲା। ୨୦୧୧ରେ ବାଇଓଟେକ୍‌ନୋଲୋଜି ଇଣ୍ଡଷ୍ଟ୍ରୀ ରିସର୍ଚ୍ଚ ଆସିଷ୍ଟାନ୍ସ କାଉନ୍‌ସିଲ ଗଠିତ ହେଲା। ୨୦୦୭ରେ ନେସ୍‌ନାଲ ବାଇଓଟେକ୍‌ନୋଲୋଜି ଡେଭଲପମେଣ୍ଟ ଷ୍ଟ୍ରାଟେଜୀ ଆରମ୍ଭ ହୋଇଥିଲା। ଲକ୍ଷ୍ନୌରେ ବାଇଓଟେକ୍ ପାର୍କ ଖୋଲିଥିଲା। ୨୦୦୯ରେ ନେସନାଲ ବାଇଓଟେକ୍‌ନୋଲୋଜି ରେଗୁଲେଟୋରୀ ଅଥରିଟୀ ବିଲ୍ ଅଣାଯାଇ ବାଇଓଟେକ୍‌ନୋଲୋଜୀ ଇଣ୍ଡଷ୍ଟ୍ରୀ ପାର୍ଟନରସିପ୍ ପ୍ରୋଗ୍ରାମ ଆରମ୍ଭ କରାଯାଇଥିଲା। ୨୦୧୦ରେ କାଡିଲା ହେଲ୍‌ଥକେୟାର, ସେରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ଭାରତ ବାଇଓଟେକ୍ ପକ୍ଷରୁ ସ୍ୱାଇନ ଫ୍ଲୁ ପାଇଁ ଏଚ୍୧ଏନ୍୧ ଟୀକା ଉତ୍ପାଦନ କରାଗଲା। ୨୦୧୨ରେ ଚିକିତ୍ସା- ଗବେଷଣା କ୍ଷେତ୍ରରେ ଭାରତ ୧୨ ସ୍ଥାନ ଦଖଲ କଲା। ଜାପାନ ଓ କୋରିଆପରେ ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନରେ ରହିଲା। ୨୦୧୩ରେ ହେପାଟାଇଟିସ୍ ଟୀକା ପ୍ରସ୍ତୁତିରେ ଭାରତ ସମସ୍ତଙ୍କଠାରୁ ଆଗରେ ରହିଲା। ୨୦୧୫ରେ ଭାରତକୁ ବାଇଓଟେକ୍ ବା ଚିକିତ୍ସା ଗବେଷଣା ଜ୍ଞାନ କୌଶଳ କ୍ଷେତ୍ରରେ ଅଗ୍ରଣୀ ହେବାପାଇଁ ପଞ୍ଚବାର୍ଷିକ କାର୍ଯ୍ୟକ୍ରମ ଆରମ୍ଭ କରାଗଲା। ୨୦୧୬ରେ ରେଜିଓନାଲ ସେଣ୍ଟର ଫର ବାଇଓଟେକ୍‌ନୋଲୋଜି ବିଲ୍ ଗୃହୀତ ହେବା ସହ ରାଷ୍ଟ୍ରୀୟ ବୌଦ୍ଧିକ ସ୍ୱତ୍ୱ ଅଧିକାର ନୀତି କାର୍ଯ୍ୟକଲା। ୨୦୧୮ରେ ମାଲେସିଆକୁ ୬୮.୪୩ ମିଲିଅନ ଡଲାର ମୂଲ୍ୟର ଇନ୍‌ସୁଲିନ ତିନିବର୍ଷ ଯୋଗାଣ ପାଇଁ ବାଇଓକନ୍ ଆଦେଶ ଲାଭ କଲା। ୨୦୨୦ରେ ଚିକିତ୍ସାକୁ ଅର୍ଥନୀତିର ଅବଦାନ ଜିଡିପିର ୨.୭ ପ୍ରତିଶତ ଛୁଇଁଲା। ୨୦୨୫ ସୁଦ୍ଧା ଦେଶର ସ୍ୱାସ୍ଥ୍ୟ ସେବା, ପୁଷ୍ଟିକର ଖାଦ୍ୟ, ପ୍ରଦୂଷଣମୁକ୍ତ ଶକ୍ତି ଏବଂ ଶିକ୍ଷା କ୍ଷେତ୍ର ୧୦୦ ବିଲିଅନରେ ପହଞ୍ଚିବ ବୋଲି ଜଣାପଡ଼ିଛି। ତେବେ ଅସୁସ୍ଥ ଭାରତକୁ ସୁସ୍ଥ କରିବାକୁ ଗ୍ରାମାଞ୍ଚଳ କ୍ଷେତ୍ରରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟସେବାର ସୁବିଧା ପହଞ୍ଚାଇବାକୁ ବହୁତ କିଛି କାର୍ଯ୍ୟ କରିବାକୁ ହେବ। ଦେଶର କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏଥିପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟକରିବା ଦରକାର, ନଚେତ ସଂଖ୍ୟାଧିକ ରୋଗୀଙ୍କ ବୋଝ ଦେଶର ଅର୍ଥନୀତିକୁ ଦୁର୍ବଳ କରିବ।

# ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ

ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣଙ୍କୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହଙ୍କୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଲାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରିଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।

*ପିସି ସରକାର ଲେନ୍,*
*କଟକ, ଦୂରଭାଷ :*
*୯୪୩୭୦୩୧୨୫୩*

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କଣାସ ୫/୪(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୋଛିଆଁ ପଞ୍ଚାୟତ ଆଳିପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁର୍ଯ୍ୟୋଧନ ସାହୁଙ୍କ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସର ମଧ୍ୟରେ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ବିଦାୟୀ ଶିକ୍ଷକ ପ୍ରଥମେ ଗ୍ରାମ ପରିକ୍ରମା କରିବା ସମୟରେ ଏକ ଭାବବିହଳ ପରିବେଶ ସୃଷ୍ଟି ହୋଇଥିଲା । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣାସ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ସାମନ୍ତରାୟ ଯୋଗଦେଇଥିଲେ ।ଅତିଥିମାନେ କହିଥିଲେ ଶ୍ରୀଯୁକ୍ତ ବେହେରା ଥିଲେ ଜଣେ ମେଳାପି ମଣିଷ ।ସେ ସବୁବେଳେ ଛାତ୍ର ଛାତ୍ରୀ ମାନଙ୍କୁ ନିଜ ପୁଅ ଝିଅ ଭାବି ସେମାନଙ୍କର ସୁଖ ଦୁଃଖ ବୁଝୁଥିଲେ ।ମୁଖ୍ୟ ଅତିଥି କହିଥିଲେ ଶିକ୍ଷାର ବିକାଶରେ ଦେଶର ବିକାଶ, ଆଜିର ଶିଶୁ କାଲିର ନାଗରିକ ହୋଇ ଦେଶ ଓ ଜାତି ପାଇଁ ଅନେକ କିଛି କରିବାର ସୋପ୍ନ ଓ ଲକ୍ଷ୍ୟ ନେଇ ବିଦ୍ୟାଳୟକୁ ପାଠ ପଢିବାକୁ ଆସିଥାନ୍ତି । ସେହି ମଣିଷ ତିଆରି କାରଖାନାରେ ଦୀର୍ଘ ବର୍ଷ କାର୍ଯ୍ୟକରି ଆଜି ଅବସର ଗ୍ରହଣ କରିଛନ୍ତି ଶ୍ରୀଯୁକ୍ତ ସାହୁ । ଅନେକ ବିଦ୍ୟାଳୟରେ ଶିକ୍ଷକତା କରି ତାଙ୍କର ବହୁତ ସୁର୍ନାମ ରହିଛି । ଏହି ବିଦାୟୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବ୍ଲକ ସହଶିକ୍ଷା ଅଧିକାରୀ ବିନୋଦ କୁମାର ସେଠୀ ,ନାରାୟଣ ପ୍ରଧାନ,ସମ୍ମାନିତ ଅତିଥିଭାବେ ପୂର୍ବତନ ଏବିଇଓ ସର୍ବେଶ୍ୱର ଜେନା ,ଶିକ୍ଷକ ନେତା ପ୍ରତାପ ଛୋଟରାୟ,ସୁଶାନ୍ତ କୁମାର ନରେନ୍ଦ୍ର,ବିଜୟ କୁମାର ପ୍ରଧାନ,ପ୍ରତାପ କେଶରୀ ରାୟ,ବଲ୍ଲଭ ଚରଣ ସାହୁ,ସ୍କୁଲ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ,ଗ୍ରାମ୍ୟ କମିଟି ସଭାପତି କେଦାର ନାଥ ସାହୁ,ପ୍ରଧାନ ଶିକ୍ଷକ ଭଜକୃଷ୍ଣ ସେଠୀ ,କୁଳମଣୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ,ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ,ବୁଦ୍ଧିଜୀବୀ , ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଯୋଗଦେଇଥିଲେ ।ଶିକ୍ଷକ ଅନିୟ କୁମାର ଛୋଟରାୟ ମଞ୍ଚ ପରିଚାଳନା କରିଥିଲେ ।

## ବାଣପୁରରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳିତ

ବାଣପୁର ୫/୪(ନି.ପ୍ର): ଓଡ଼ିଆ ପକ୍ଷ ପ୍ରବେଶ ଉତ୍ସବ ପାଳନ ଅବସରରେ ଆଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଲିଡିହି, ବାଣପୁର ଠାରେ ସ୍ଥାନୀୟ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବରେ ପାଳିତ ହୋଇଯାଇଛି । ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି ବିଦ୍ୟାଳୟ ପ୍ରବେଶ ଉତ୍ସବ କାର୍ଯ୍ୟ ରେ ଯୋଗଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ସନ୍ତୋଷ କୁମାର ଷଡଙ୍ଗୀ, ପ୍ରଦୀପ କୁମାର ସାହୁ, ରବିନାରାୟଣ ସାହୁ, ତନୁଜା ଘଡାଇ, ମାନସ ପଲାଇ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ମାଛଭଣ୍ଡାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ସମାରୋହ

ପାଟଣା ୫/୪(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ମାଛଭଣ୍ଡାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ କୁହ୍ଲିଆ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମିତିସଭ୍ୟା ତିଳୋତ୍ତମା ମହାନ୍ତ, ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋପାଳ କୃଷ୍ଣ ମହାନ୍ତ, ସତ୍ୟାନନ୍ଦ ବେଜ, ୱାର୍ଡସଦସ୍ୟା ଜୟନ୍ତୀ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରକ୍ଷାହରି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ଅଜୟ କୁମାର ବେହୁରିଆ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ । କନିଷ୍ଠ ଶିକ୍ଷକ ରୋସନ୍ କୁମାର ସାହୁଙ୍କ ସଂଯୋଜନାରେ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ ପରେ ଛାତ୍ରଛାତ୍ରୀଙ୍କ ମାନଙ୍କ ଦ୍ୱାରା ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପଥର ମାଡ଼ରେ ଯୁବକ ଗୁରୁତର

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀ ହାତାହାତି, ୨ ପୃଥକ ମାମଲା ରୁଜୁ

ହିଞ୍ଜିଳିକାଟୁ ୫/୪(ନି.ପ୍ର): ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ପାଟଣା ସାହିରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି । ଗୋଟିଏ ଗୋଷ୍ଠୀର ଯୁବକଙ୍କ ପଥର ମାଡ଼ରେ ଅନ୍ୟ ଗୋଷ୍ଠୀର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣଙ୍କ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ପାଟଣା ସାହିର ଦିପୁ ଦାସ (୨୨) । ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୨୬୨/୨୫ ଓ ୨୬୩/୨୫ ରେ ୨ଟି ପୃଥକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି । ପୁଲିସ ସୂଚନା ପ୍ରକାରେ, ଗୁରୁବାର ରାତ୍ର ପ୍ରାୟ ସାଢେ ୧୦ ଟାରେ ହିଞ୍ଜିଳିକାଟୁ ପୌରାଞ୍ଚଳ ପାଟଣା ସାହିର ୨ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଗୋଟିଏ ଗୋଷ୍ଠୀର ସାଗର ଦାସ ଓ ତାଙ୍କ ମାଆ ଓ ଭଉଣୀ ମିଶି ଅପର ଗୋଷ୍ଠୀର ଦିପୁଙ୍କୁ ମାଡ ମାରିଥିଲେ । ପରେ ସାଗର ଏକ ପଥରରେ ଦିପୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଦିପୁ ଗୁରୁତର ଆହତ ହୋଇ ଚେତା ଶୂନ୍ୟ ହୋଇ ଘଟଣା ସ୍ଥଳରେ ପଡି ଯାଇଥିଲେ । ଦିପୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଆହତ ଦିପୁ ଙ୍କ ପରିବାର ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ



ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ଓ ପରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିଲା । ଆହତ ଦିପୁଙ୍କ ଭାଇ ତପୁ ଦାସଙ୍କ ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୨୬୨/୨୫ ରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଦିପୁ ମଦ୍ୟପାନ କରି ସେହି ସାହିର ସାଗର ଦାସଙ୍କ ଭଉଣୀ ଅନିତା ଦାସଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ ବୋଲି ଅନିତା ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ-୨୬୩/୨୫ ରେ ଆଉ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।

## ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

### ଉଦଯାପନୀ ଉତ୍ସବରେ ମହାଭାରତ ନାଟକ ମଞ୍ଚସ୍ଥ



ହିଞ୍ଜିଳିକାଟୁ ୫/୪(ନି.ପ୍ର):ଶେରଗଡ଼ ବ୍ଲକ ମହୁପଦର ପଞ୍ଚାୟତ ଖମାର ଗ୍ରାମରେ ସଙ୍କଟ ମୋଚନ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି । ରବିବାର ଦିନ କର୍ମ ପଣ୍ଡିତ ଭବାନୀ ଶଙ୍କରାଚାର୍ଯ୍ୟ ତ୍ରିପାଠୀଙ୍କ ପୌରହିତ୍ୟରେ ଯାଜ୍ଞିକ ପଣ୍ଡିତଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା । ?କର୍ତ୍ତା ରୂପେ ଭଜରାମ ନାୟକ ଓ ଧର୍ମପତ୍ନୀ ନମିତା ନାୟକ ଉପବିଶେନ କରିଥିଲେ । ଜଳଯାତ୍ରା, ଦୀକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ? ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜଳଯାତ୍ରାରେ ସାମିଲ ହୋଇଥିଲେ । ପ୍ରତିଷ୍ଠା ଉତ୍ସବ ସକାଶେ ଗ୍ରାମକୁ ରଙ୍ଗବେରଙ୍ଗ ବାନା ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା । ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ସ୍ଥାପନ କରାଯାଇଥିଲା । ସୋମବାର କର୍ମାରମ୍ଭ, ବ୍ରାହ୍ମଣବରଣ, ଶାଳାସଂସ୍କାର, ଅଗ୍ନିସ୍ଥାପନ, ନାମଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ ହୋଇଥିଲା । ମଙ୍ଗଳବାର ସୂର୍ଯ୍ୟପୂଜା, ଦେବତାଙ୍କ ମହାସ୍ନାନ ଓ ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ଦେବତାଙ୍କ ନଗର ଭ୍ରମଣ, ଦେବତା ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ଅନ୍ନଯଜ୍ଞ ଅନୁଷ୍ଠିତ ହେବା ସହ ଖମାର ଗ୍ରାମ ସମେତ ନିକଟବର୍ତ୍ତୀ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିବା ସହ ପ୍ରଭୁକୃପା ଲାଭ କରିଥିଲେ । ? ଗୁରୁବାର ସନ୍ଧ୍ୟାରେ ପୌରାଣିକ ନାଟକ ମହାଭାରତ ମଞ୍ଚସ୍ଥ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଧାନିଧି ଚୌଧୁରୀ ଯୋଗଦେଇ ରିବନ କାଟି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଶେଷଦେବ ସାହୁ, ଗ୍ରାମ୍ୟ କମିଟି ସଭାପତି ପିତବାସ ଜେନା, ଉପସଭାପତି ନାର୍ଶୁ ନାୟକ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମକୁ ବୁଧିରାମ ସ୍ୱାଇଁ ପରିଚାଳନା କରିଥିବା ବେଳେ ଆନନ୍ଦ ଜେନା, କୃଷ୍ଣ ନାୟକ, ସିମାଞ୍ଚଳ ଗୌଡ, ମନୋଜ୍ ସ୍ୱାଇଁ, ଜଗନ୍ନାଥ ନାୟକ, ଯୁବ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ନିଆଳୀ ଗୌରବ ସମ୍ମାନ ପାଇଲେ ତହସିଲଦାର ଏବଂ ଥାନା ଅଧିକାରୀ

ନିଆଳୀ ୫/୪(ନି.ପ୍ର): ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ହେଉଛି ଗ୍ରାମୀଣ ମହୋତ୍ସବ ୨୦୨୫ ଏହା ସହ ନିଆଳୀ ପ୍ରେସ ୟୁନିଟ ନିଆଳୀ ତରଫରୁ ଶ୍ରୀ ନାରଦ ମହୋତ୍ସବ ଏବଂ ଦ୍ୱୀପାଞ୍ଚଳ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି ଦ୍ୱତୀୟ ଦିବସ ରେ ଉଦଘାଟକ ରୂପେ ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଜୀ, ମୁଖ୍ୟ ଅତିଥି ରୂପେ ନିଆଳୀ ତହସିଲଦାର ଶ୍ରୀ ଲିଲନ ପ୍ରସାଦ ସାହୁ ମୁଖ୍ୟ ବକ୍ତା ରୂପେ ଇତିହାସ ବିଭାଗ ତ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ସମ୍ମାନିତ ଅତିଥି ରୂପେ ନିଆଳୀ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ବିଜୟ କୁମାର ମଲ୍ଲିକ, ଓଡ଼ିଆ ଅଧ୍ୟାପକ ଡ଼ ବିରଂଚି କୁମାର ସାହୁ, ସମାଜସେବୀ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ସଭା କୁ ସାଫଲ୍ୟ ମଣ୍ଡିତ କରିଥିଲେ ମହୋତ୍ସବ ମଞ୍ଚ ରେ ସଭାପତିତ୍ୱ କରୁଥିଲେ ଅନୁଷ୍ଠାନ ର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ଼ ସେକ କଲ୍ଲିମୁଲ୍ଲା ଅନୁଷ୍ଠାନ ର ନିର୍ଦ୍ଦେଶକ କୃଷବିତ ପ୍ରମୋଦ କୁମାର ମଲ୍ଲିକ,ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର ପ୍ରାରମ୍ଭୀକ ସୂଚନା ଦେଇଥିଲେ ଗାନ୍ଧୀ ଦର୍ଶନ ଗାନ୍ଧୀ ବିଚାର ଉପରେ ଆଲୋଚନା ହୋଇଥିଲା ଏହି ଅବସରରେ ଜଗତସିଂହପୁର ର ପୂର୍ବତନ ସାଂସଦ ଜନପ୍ରିୟ ରାଜନେତା, ନିଆଳୀ ର ଗାନ୍ଧୀ ସ୍ୱର୍ଗତ ତ୍ରିଲୋଚନ କାନୁନଗୋ ଙ୍କ ସ୍ମୃତି ଉଦେଶ୍ୟରେ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ ଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା ସେପରି ମହାପାତ୍ର ନୀଳମଣି ସାହୁ ଙ୍କ ସ୍ମୃତି ଉଦେଶ୍ୟରେ ଡ଼ ବିରଂଚି କୁମାର ସାହୁ ଙ୍କୁ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଏହା ନିଆଳୀ ବ୍ଲକ ରେ କାର୍ଯ୍ୟରତ ତହସିଲଦାର ଶ୍ରୀ ଲିଲନ ପ୍ରସାଦ ସାହୁ ଏବଂ ଥାନା ଅଧିକାରୀ ବିଜୟ କୁମାର ସାହୁ ଙ୍କୁ ନିଆଳୀ ଗୌରବ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା ସେପରି ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଜୀ କୁ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ , ଉପସଭାପତି ଦ୍ୱିଜବର ମହାପାତ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ମହିଳା ସମ୍ପାଦିକା ପାୟଲ ପ୍ରିୟ ଦର୍ଶନୀ ପରିଡା, ସହ ସମ୍ପାଦିକା ପ୍ରିୟଙ୍କା ସେନାପତି, ପ୍ରୀତିପ୍ରଜ୍ଞା ପଟ୍ଟନାୟକ, ଚିରଞ୍ଜୀବ ପରିଡା, ମହୋତ୍ସବ ସଂଯୋଜିକା ମୋନାଲିସା ମୁଦୁଲି, ପ୍ରମୁଖ ସହଯୋଗ କରିଥିଲେ ଏହି କାର୍ଯ୍ୟକ୍ରମ କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଡ଼ ଇଣ୍ଡିଆ ଏବଂ ଭେଦା ବିଳାଶୁଣୀ ସହଯୋଗ କରିଥିଲେ ।

## ଗୁଣ୍ଡୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଫେରାଦ

ଭବାନୀପାଟଣା ୫/୪(ନି.ପ୍ର): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଗୁଣ୍ଡରୀ ପଞ୍ଚାୟତ ରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବିଭିନ୍ନ ପ୍ରକାର ର ଅନିୟମିତତା ହୋଇଥିବା ନେଇ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ପ୍ରମୁଖ ଜିଲାପାଳ ଙ୍କୁ ଅଭିଯୋଗ କରିବାର ଦୁଇ ମାସ ରୁ ଉର୍ଦ୍ଧ ହୋଇଥିଲେ ବି ଜିଲ୍ଲାପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆ ଯାଉ ନଥିବାରୁ ଅଞ୍ଚଳର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗରେ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷା ବର୍ଷକୁ ୨୦୨୪-୨୫ ରେ ପ୍ରତି ଛାତ୍ର ପିଛା ଗଣ ବେଶ ବାବଦକୁ ୧ ହାଜର ଟଙ୍କା ହିସାବରେ ୨୭୦ ଜଣ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ୨ ଲକ୍ଷ ୭୦ ହଜାର ଟଙ୍କା ସରକାର ଙ୍କ ତରଫରୁ ପ୍ରଧାନ ଶିକ୍ଷକ ଙ୍କୁ ହସ୍ତଗତ ହୋଇଛି । ପ୍ରଧାନ ଶିକ୍ଷକ ଙ୍କୁ ହସ୍ତଗତ ପରେ ବିଦ୍ୟାଳୟ ପରିଚାଳନା ର ରେଜୁଲେସନ କରାଯାଇ ପୋଷାକ ବଣ୍ଟନ ବ୍ୟବସ୍ଥା ଥିଲେ ବି କମିଟି ର ସହମତି ନ ନେଇ ପ୍ରଧାନ ଶିକ୍ଷକ ମନମୁଖୀ ଭାବେ ପୋଷାକ କ୍ରୟ କରି ୧୬୦ ଜଣ ପିଲାଙ୍କ ପୋଷାକ ବଣ୍ଟନ କରିଛନ୍ତି । ଅବଶିଷ୍ଟ ଛାତ୍ରଛାତ୍ରୀ ଙ୍କ ପୋଷାକ ବାବଦ ଅର୍ଥ ଚଳୁ କରି ଦେଇଥିବା ଅଭିଯୋଗ ହୋଇଛି ।ବିଦ୍ୟାଳୟର ଉନ୍ନତି ପାଇ ଆସୁଥିବା ଅନୁଦାନ ସରପଞ୍ଚ, ସ୍ଥାନୀୟ ଲୋକ ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି କୁ ନ ଜଣାଇ ସମସ୍ତ ଅର୍ଥ ଖର୍ଚ୍ଚ କରାଯାଇଛି । ପ୍ରତିଦିନ ବିଦ୍ୟାଳୟ ଛାତ୍ର ଉପସ୍ଥାନ ଯାହା ଥାଏ । ତାର ଦୁଇ ଗୁଣ ରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ମେସେଜ୍ ପଠାଯାଇ ମଧାହ୍ନ ଭୋଜନ ବାବଦ ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ବିଦ୍ୟାଳୟ କୁ ଠିକ୍ ସମୟରେ ଆସନ୍ତି ନାହିଁ ପ୍ରତି ସୋମବାର ବିଦ୍ୟାଳୟ ରେ ଅନୁପସ୍ଥିତ ରହନ୍ତି ବୋଲି ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଶିକ୍ଷା ବିଭାଗ ତରଫରୁ କୌଣସି କାର୍ଯାନୁଷ୍ଠାନ ବଦଳ ରେ ପ୍ରଧାନ ଶିକ୍ଷକ ଙ୍କୁ ଘଣ୍ଟ ଘୋଡାଇ ଥିବା ଅଭିଯୋଗ ହୋଇଛି ।ବିଦ୍ୟାଳୟର ସମସ୍ୟାର ସମାଧାନ ସହ ପ୍ରଧାନ ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରି ନୁତନ ପ୍ରଧାନ ଶିକ୍ଷକ ଙ୍କୁ ନିଯୁକ୍ତି ଦେବା ପାଇଁ ଦାବୀ କରିଥିଲେ । ଦାବୀ କରିବାର ଦୁଇ ମାସରୁ ଉର୍ଦ୍ଧ ହୋଇଥିଲେ ବି କୌଣସି ସମାଧାନ ହୋଇ ପାରି ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି ।



# ପରିବା ବଜାରରେ ଚାଷୀଙ୍କ ଆନ୍ଦୋଳନ ଘଟଣା

## ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଚେତାବନୀ

ହିଞ୍ଜିଳିକାଟୁ ୫/୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ପନିପରିବା ହବ୍ ଭାବେ ପରିଚିତ ହିଞ୍ଜିଳିକାଟୁ ପନିପରିବା ବଜାର ପରିସରରେ ଚାଷୀଙ୍କୁ ପୁଲିସର ଅପବ୍ୟବହାର ନେଇ ବିବାଦ ଉପୁଜିଥିଲା । ଫଳରେ ଚାଷୀ ମାନେ ନିଜ ନିଜ ପନିପରିବାକୁ ରାସ୍ତାରେ ରଖି ବୁଧବାର ସନ୍ଧ୍ୟାରେ ଆନ୍ଦୋଳନ କରିଥିଲେ । ଫଳରେ କିଛି ଘଣ୍ଟା ପାଇଁ ହିଞ୍ଜିଳିକାଟୁ - ତାରାତାରିଣୀ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ସହ ୪ ଦିନ ମଧ୍ୟରେ ଘଟଣାର ସମାଧାନ କରିବା ପାଇଁ ପୁଲିସ ଅନୁରୋଧ କରିବା ପରେ ରାସ୍ତାରୋକ ହଟିଥିଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୌର ଓ ପୁଲିସ ପ୍ରଶାସନର ମିଳିତ ସହଯୋଗରେ ସମାଧାନର ଅସ୍ଥାୟୀ ସୂତ୍ର ବାହାରିଛି । ଗୁରୁବାର ସନ୍ଧ୍ୟାରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ନେତୃତ୍ୱରେ ପୌର କାର୍ଯ୍ୟାଳୟ ସଭାକକ୍ଷ ପରିସରରେ ପନିପରିବା ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଥାନା ଆଇଆଇସି ଶ୍ରୀନିବାସ ସେଠି ଓ ହିଞ୍ଜିଳିକାଟୁ ଅଞ୍ଚଳର ବହୁ ପନିପରିବା ଚାଷୀ, କ୍ଷୁଦ୍ର ଚାଷୀ ଓ ଫୁଟପାଥ୍ ଚାଷୀ ମାନେ ଅଂଶ ଗ୍ରହଣ କରିଥିଲେ । ପନିପରିବା ବଜାର ମଧ୍ୟରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ପ୍ରତ୍ୟହ ସକାଳ ୬ଟା ରୁ ୧୦ଟା ପର୍ଯ୍ୟନ୍ତ ସଂପୃକ୍ତ ବଜାର ମଧ୍ୟ ଦେଇ ଯାତାୟତ କରୁଥିବା ଭାରୀଯାନ ଯାନବାହାନ ଗୁଡ଼ିକୁ ପୋଷ୍ଟ ଅଫିସ ରାସ୍ତା ଦେଇ ହିଞ୍ଜିଳି କେନାଲ ରୋଡରେ ଆରଏମସି ଛକ ଦେଇ ଚଳାଚଳ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ବିଜୁ ପଟ୍ଟନାୟକ ଛକ ଠାରୁ ପନିପରିବା ବଜାର ପରିସରକୁ ନୋ ପାର୍କିଂ ଜୋନ୍ କରାଯିବା ସହ ରାସ୍ତା ଉପରେ ବସି କ୍ଷୁଦ୍ର ଓ ଫୁଟପାଥ୍ ଚାଷୀ ମାନଙ୍କୁ ବ୍ୟବସାୟ କରିବାକୁ ବାରଣ କରାଯାଇଛି । ? କ୍ଷୁଦ୍ର ଓ ଫୁଟପାଥ୍ ଚାଷୀ ମାନେ ପନିପରିବା ବଜାର ପରିସରରେ ଗୋଟିଏ ସ୍ଥାନରେ ସମସ୍ତ କ୍ଷୁଦ୍ର ଓ ଫୁଟପାଥ୍ ଚାଷୀ ଏକତ୍ରିତ ଭାବେ ବ୍ୟବସାୟ ନକରି ଭାଗ ଭାଗ ହୋଇ ବ୍ୟବସାୟ କରିବାକୁ ନିର୍ବାହୀ ଅଧିକାରୀ ବେହେରା ଅନୁରୋଧ କରିଥିଲେ । ଆଗାମୀ ଦିନରେ ପନିପରିବା ବଜାର ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସ ଉତ୍ତର ବ୍ଲକ ବିଲ୍ଡିଙ୍ଗ କାମ ଶେଷ ହେବା ପରେ ଚାଷୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ, ଏଥି ସକାଶେ ସଂପୃକ୍ତ ଚାଷୀ ମାନେ ପ୍ରଶାସନକୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ହିଞ୍ଜିଳିକାଟୁ ପନିପରିବା ବଜାର ପରିସରରେ ବହୁବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏହାର ସ୍ଥାୟୀ ସମାଧାନ କରିବାରେ ବିଫଳ ହୋଇଛି । ଚାଷୀ ମାନଙ୍କ ସହ ସ୍ଥାନୀୟ ପ୍ରଶାସନର ବହୁବାର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ କୌଣସି ସମାଧାନର ସୁତ୍ର ବାହାରି ପାରିନାହିଁ । ଫଳରେ ଚାଷୀ ମାନେ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କ ଉପରେ ଆସ୍ଥା ପ୍ରକଟ କରିପାରୁନଥିବା ନେଇ ବହୁ ଚାଷୀ କହିଛନ୍ତି । ଆଗାମୀ ଦିନରେ ବ୍ୟବସାୟ କରୁଥିବା କ୍ଷୁଦ୍ର ଓ ଫୁଟପାଥ୍ ଚାଷୀ ମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ଆଗାମୀ ଦିନରେ ଏକ ବିରାଟ ଚାଷୀ ଆନ୍ଦୋଳନ ଗଢି ଉଠିବ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି ।

## ବରୀ ବ୍ଲକ ରେ ଅନ୍ତ୍ୟୋଦୟ ଗୃହ କେଳେଙ୍କାରୀ

### ନୁଆ ସରକାରଙ୍କୁ ବଦନାମ କରୁଛନ୍ତି ସରକାରୀ ବାବୁ

ଯାଜପୁର ୫/୪(ନି.ପ୍ର): ରାଜ୍ୟରେ ଅନ୍ତ୍ୟୋ ଦୟ ଗୃହ ଯୋଜନା ହେଉଚି ଏକ ଗୁରୁତ୍ୱପୂର୍ଣ ଯୋଜନା । ଯେଉଁଥିରେ ରାଜ୍ୟ ସରକାର ଗରିବ ଅସହାୟ ଲୋକଙ୍କ ପାଇଁ ଏହି ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।ଏବଂ ଏହି ଯୋଜନା କେମିତି ପ୍ରକୃତ ହିତାଧିକାରୀ ଙ୍କ ପାଖରେ ପହଂଚି ପାରିବ ଓ ଏଥିରେ କୌଣସି ଅନିୟମିତତା ନ ହେବ ସେଥିପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ସମସ୍ତ ଅଫିସର ଓ ଅଧିକାରୀ ମାନଙ୍କୁ ତାଗିଦ ମଧ୍ୟ କରିଛନ୍ତି ।କିନ୍ତୁ ଏହି ଯୋଜନା ଆରମ୍ଭରୁ ହିଁ ବରୀ ବ୍ଲକ ରେ ବ୍ୟାପକ ଅନିୟମିତତାର ଅଭିଯୋଗ ଆସିଲାଣି ।ବରୀ ବ୍ଲକରେ ମୋଟ ୨୯ ଗୋଟି ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଙ୍କୁ ବାଦ ଦିଆଯାଇ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଏହି ଯୋଜନା ରେ ସାମିଲ କରାଯାଇ ଅଛି ।




ଯାହାକୁ ନେଇ ବରୀ ବିଜେପି ପକ୍ଷରୁ ଆଜି ବ୍ଲକ ଘେରାଉ କରାଯାଇ ଥିଲା ।ଏହାର ଉପଯୁକ୍ତ ତଦନ୍ତ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ଏଥିରେ ସାମିଲ କରିବାକୁ ବିଜେପି ପକ୍ଷରୁ ଦାବୀ କରାଯାଇଥିଲା ।ଯେଉଁଥିରେ ବରୀ ବ୍ଲକର କିଛି ସରକାରୀ ବାବୁ ସମ୍ପୃକ୍ତ ଥିବାର ଅନୁମାନ କରାଯାଉ ଅଛି ।ଯେଉଁ ବାବୁ ମାନେ ଲମ୍ବା ସମୟ ଧରି ଏଠାରେ କାର୍ଯ୍ୟରତ ।ଯେଉଁ ମାନଙ୍କର ଦୁର୍ନୀତିର ଚେର ବରୀ ବ୍ଲକ ର ୨୯ ଗୋଟି ପଞ୍ଚାୟତ କୁ ଲମ୍ବିଛି ।ପୂର୍ବରୁ ମଧ୍ୟ ଏମାନଙ୍କ ନାମରେ ବିଭିନ୍ନ ଦୁର୍ନୀତି ର ଅଭିଯୋଗ ଆସିଚି ।ଏମିତିକି ସେମାନଙ୍କ ମଧ୍ୟରୁ ଜଣଙ୍କର ଅନ୍ୟତ୍ର ବଦଳି ହୋଉଥିଲେ ମଧ୍ୟ ବାବୁ ଜଣଙ୍କ ଜିବାକୁ ମନ ବଳଉନାହାନ୍ତି ।ଅନ୍ୟ ପଟରେ ରାଜ୍ୟରେ ବର୍ତ୍ତମାନ ସାଧାରଣ ଲୋକଙ୍କ ସରକାର ମୋହନ ସରକାର ଙ୍କ ସ୍ୱଚ୍ଛ ଶାସନ ଚାଲିଚି ।ମାତ୍ର ଏକ ବର୍ଷ ମଧ୍ୟରେ ବିଭିନ୍ନ ଜନହିତକରି ଯୋଜନା ମାଧ୍ୟମରେ ବେସ ଲୋକ ପ୍ରିୟତା ସାଉଁଟିଛନ୍ତି ଓ ଲୋକଙ୍କର ବିଶ୍ୱାସ ଭାଜନ ହୋଇପାରିଛନ୍ତି ।ତେଣୁ ଏଭଳି ସ୍ଥିତିରେ ଜଦି ମୋହନ ସରକାର ବରୀ ବ୍ଲକ ର ଏଇ ଅସାଧୁ ସରକାରୀ ବାବୁ ମାନଙ୍କ ଉପରେ ନଜର ନରଖନ୍ତି ତା ହେଲେ ନୂତନ ସରକାର ବଦନାମ ହେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ଶିକ୍ଷାରଥ ପାଇଁ ଗୀତ ରଚନା କରି ଅଜୟ ସେଠୀ ପ୍ରଶଂସିତ

କଣାସ ୫/୪(ନି.ପ୍ର):ବିଦ୍ୟାଳୟରେ ଡ୍ରପାଉଟ୍ ହାର ରୋକିବା ସହ ନାମ ଲେଖା ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଶିକ୍ଷା ସଚେତନତା ରଥ ରାଜ୍ୟର ୩୧୪ ବ୍ଲକ୍ ସଦର ମହକୁମାରେ ପରିକ୍ରମା କରୁଥିବା ଦେଖିବାକୁ ମିଳିଛି ।ଏହି ରଥରେ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଏକ ସୁନ୍ଦର ଗୀତ ହାତ ଠାରି ଡାକେ ଶିଶୁ ବାଟିକା ବାଜୁଥିବା ଶୁଣିବାକୁ ମିଳୁଛି ।ଏହି ସୁନ୍ଦର ଗୀତକୁ କଣାସ ବ୍ଲକ୍ ଦୋଛିଆଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ଶ୍ରୀଚରଣ ମହାନ୍ତି ।ଏହି ସୁନ୍ଦର ଗୀତ ରଚନା ପାଇଁ ଶ୍ରୀ ସେଠୀଙ୍କୁ ବିଭିନ୍ନ ମହଲରୁ ଉଚ୍ଚ ପ୍ରଶଂସିତ କରାଯାଇଥିବା ଜଣାପଡିଛି ।ସେ ଏକାଧାରରେ ଜଣେ ନାଟ୍ୟକାର,ଗୀତିକାର,ଶିଶୁ ସାହିତ୍ୟିକ, ଅଭିନେତା ବହୁଗୁଣ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନୀତ ହୋଇଥିବା ବେଳେ କଣାସ ଅଞ୍ଚଳ ପାଇଁ ଅନେକ ଗୌରବ ଆଣିଛନ୍ତି ।

## ବୋରିଗାଁ ଛକରେ ଲକ୍ଷ୍ମୀ ବସକୁ ଅଟକ ରଖିଲେ ଗ୍ରାମବାସୀ

ନବରଂଗପୁର ୫/୪(ନି.ପ୍ର): ଆଜି ଦିନ ୨ ଘଣ୍ଟା ସମୟରେ ବୋରିଗାଁ ଛକରେ ଲକ୍ଷ୍ମୀ ବସକୁ ଅଟକ ରଖି ଅନଶନ କଲେ ଗ୍ରାମବାସୀ । ଲକ୍ଷ୍ମୀ ବସ କୁ ଅଟକ ରଖିବାର କାରଣ ସରକାରଙ୍କ ତରଫରୁ ଗାଁ ଗହଳିରେ ନିରୀହ ଆଦିବାସୀ ଭାଇ ଭଉଣୀଙ୍କ ଯାତାୟାତରେ ସୁବିଧା ପାଇଁ ପ୍ରତି





ପଞ୍ଚାୟତ ରେ ଲକ୍ଷ୍ମୀ ବସ ଯିବା ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଛି । ଏବଂ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଯାତ୍ରୀ ବିଶ୍ରାମଗାର ମଧ୍ୟ କରାଯାଇଛି । କିନ୍ତୁ ବୋରିଗାଁ ପଞ୍ଚାୟତ ସଦର ମହାକୁମା ଠାରେ ବସଷ୍ଟାଣ୍ଡ ତିଆରି ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ କେବେ ମଧ୍ୟ ଲକ୍ଷ୍ମୀ ବସ ଆସିନାହିଁ । ଏହାର ପ୍ରତିବାଦ କରି ଆଜି ଗ୍ରାମବାସୀ ମାନେ ଲକ୍ଷ୍ମୀ ବସ କୁ ଅଟକ ରଖି ଷ୍ଟ୍ରାଇକ କରିଥିଲେ ।ଏହି ଘଟଣା ବିଷୟରେ ସୂଚନା ପାଇ ଡାବୁଗାଁ ପୋଲିସ ଯାଇ ଗ୍ରାମବାସୀଙ୍କୁ ବୁଝାଇବା ପରେ ବସକୁ ଛାଡିଥିଲେ । ଦୁଃଖର ସହ କହିବାକୁ ପଡୁଛି ବୋରିଗାଁରେ ବସଷ୍ଟାଣ୍ଡ ଅଛି, ଯାତ୍ରୀ ବିଶ୍ରାମଗାର ମଧ୍ୟ ହୋଇଛି କିନ୍ତୁ ଲକ୍ଷ୍ମୀ ବସ ଯାଉ ନାଇଁ ଗାଁକୁ । ଲକ୍ଷ୍ମୀ ବସ ଆସୁନଥିବା କାରଣରୁ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଂଚଳବାସୀ । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି ।

## ବାଣପୁର ମେଡିକାଲରେ ନୂତନ ଅଧିକ୍ଷକଙ୍କ ଯୋଗଦାନ

ବାଣପୁର ୫/୪(ନି.ପ୍ର): ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ମେଡିକାଲ ଅଧିକ୍ଷକ ଭାବେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ସଞ୍ଜୟ କୁମାର ମହାନ୍ତି ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ରମାକାନ୍ତ ନାୟକଙ୍କ ଠାରୁ ସେ ନୂତନ ଦାଇତ୍ୱ ଗ୍ରହଣ କରିଛନ୍ତି। ଡାକ୍ତର ଶ୍ରୀ ମହାନ୍ତି ଏହା ପୁର୍ବରୁ କଟକ ଜିଲ୍ଲା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଅଧିକ୍ଷକ ଭାବେ କାର୍ଯ୍ୟରତ ଥିଲେ।ଏହି ଅବସରରେ ନୂତନ ମେଡିକାଲ ଅଧିକ୍ଷକଙ୍କୁ ବାଣପୁର ମେଡିକାଲ କର୍ମଚାରୀ, ସ୍ଥାନୀୟ ସାମ୍ବାଦିକ, ବୁଦ୍ଧିଜୀବୀ, ରାଜନେତା ଆଦି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।ଖୋର୍ଦ୍ଧା ଜିଲ୍ଲାର ବାଣପୁର ଅନ୍ୟତମ ବୃହତ୍ତମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିବା ବେଳେ ଏହା ଅଧୀନରେ ଥିବା ଦୁଇ ଗୋଟି ଆଦିବାସୀ ବହୁଳ ପଞ୍ଚାୟତବାସୀ ମଧ ଏହା ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ମେଡିକାଲରେ ଡାକ୍ତର ନିଯୁକ୍ତି, ଉନ୍ନତମାନର ପରୀକ୍ଷା ଯନ୍ତ୍ରପାତି ପ୍ରତିଷ୍ଠା, ନୂତନ ମେଡିକାଲ କ୍ୟାମ୍ପସ କାର୍ଯ୍ୟକ୍ଷମ ଆଦି ଏକାଧିକ ଚ୍ୟାଲେଞ୍ଜ ନୂତନ ମେଡିକାଲ ଅଧିକ୍ଷକଙ୍କ ପାଇଁ ରହିଥିବା ବେଳେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏବଂ ଜନସାଧାରଣଙ୍କ ସହମତିରେ ସମସ୍ତ ଉନ୍ନୟନ କାର୍ଯ୍ୟ କରିବେ ବୋଲି ନୂତନ ଅଧିକ୍ଷକଙ୍କ ଡାକ୍ତର ଶ୍ରୀ ମହାନ୍ତି କହିଛନ୍ତି।

## ରାଇରଙ୍ଗପୁର ସହରରରେ ପରିବର୍ତ୍ତନ ହେଉନାହିଁ ଶୌଚାଳୟର ଅବସ୍ଥା




ମୟୂରଭଞ୍ଜ ୫/୪(ନି.ପ୍ର): ରାଇରଂଗପୁର ପୌରପରିଷଦର. ୫ବର୍ଷ ମଧ୍ୟରେ ୫ ଜଣ ଅଧିକାରୀ ବଦଳିଲେଣି କିନ୍ତୁ ସହରର ଶୌଚାଳୟର ଅବସ୍ଥା ବଦଳୁ ନାହିଁ। ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରରେ। ନାମକୁ ମାତ୍ର ସ୍ୱଚ୍ଛ ଭାରତ ଅଭିଯାନ ଅସଲ ସ୍ୱଚ୍ଛତାକୁ ଭୁଲିଯାଉଛି ପୌରପ୍ରଶାସନ।ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଓ ପୌରପରିଷଦକୁ ସରକାରୀସ୍ତରରେ ଜିଲ୍ଲା ଜଳ ଓ ପରିମଳ ବିଭାଗ ତରଫରୁ ପଂଚାୟତ ଓ ପୌରପରିଷଦର ସମସ୍ତ ୱାର୍ଡକୁ ଖୋଲା ମଳମୁକ୍ତ ଭାବେ ଘୋଷିତ କରିବାର କିଛି ବର୍ଷ ନ ହେଉଣୁ ୮୦ ପ୍ରତିଶତରୁ ଅଧିକ ଲୋକେ ଖୋଲାରେ ମଳତ୍ୟାଗ କରୁଥିବା ଜଣାପଡ଼ିଛି। ସ୍ୱଚ୍ଛ ଭାରତ ମିସନରେ ୨୦୧୪ରୁ ୨୧ ମସିହା ପ୍ରର୍ଯ୍ୟନ୍ତ ରାଇରଙ୍ଗପୁର ବ୍ଲକ ଓ ପୌରପରିଷଦର ୱାର୍ଡରେ ସମସ୍ତ ପାଇଖାନା ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ସରିବା ପରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଭାଗୀୟ କର୍ମଚାରୀ ମାନେ ଘରକୁ ଘର ବୁଲି ସଚେତନ କରାଇଥିଲେ। ଏହା ବ୍ୟତୀତ ମନ୍ଟିଭେଟରମାନେ ମଧ ଏ ବିଷୟରେ ସଚେତନ କରାଇଥିଲେ ମଧ କିଛି ସୁଫଳ ମିଳିନାହିଁ।ମଳ ମୁକ୍ତ ଘୋଷିତ ହେବାର ୫ ବର୍ଷ ନ ହେଉଣୁ ବ୍ଲକର ଅଧିକାଂଶ ପାଇଖାନାରେ କବାଟ ନ ଥିବା ବେଳେ କିଛି ପାଇଖାନାର ଛପର ନାହିଁ ତ ଆଉ କିଛି ଅର୍ଧଭଗ୍ନ ଅବସ୍ଥାରେ ରହିଛି। ଫଳରେ ତାହା ବ୍ୟବହାର ଯୋଗ୍ୟ ହେନଥିବା ଜନସାଧାରଣ ପ୍ରକାଶ କରିଛନ୍ତି। ଏପଟେ ପୌରପ୍ରଶାସନ ଖୋଲା ମଳ ମୁକ୍ତ ଘୋଷିତ କରି ବାଃ ବାଃ ନେଉଥିବା ବେଳେ ହିତାଧିକାରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ବର୍ଷା ଋତୁ କଥା ତୋ ଛାଡ଼ନ୍ତୁ ବର୍ତ୍ତମାନ ମଧ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କିଛି ଜମିରେ ଚାଷ ହୋଇଥିବା ଯୋଗୁଁ ଲୋକେ ରାସ୍ତା କୋଡ, ନଦୀ ଓ ପୋଖରୀ ଗାଧୁଆ ତୁଠପାର୍ଶ୍ୱରେ ମଳତ୍ୟାଗ କରି ଦୂଷିତ କରୁଥିବାର ଅଭିଯୋଗ ହେଉଛି। ଏହା ବ୍ୟତୀତ ରାଇରଙ୍ଗପୁର ସହରର ଜନ ଗହଳି ବିଶିଷ୍ଟ ସ୍ଥାନ ମାନଙ୍କରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଅଧାରୁ ଅଧିକ ପାଇଖାନାରେ ବର୍ଷବର୍ଷ ଧରି ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି ତୋ କିଛି ପାଇଖାନା ଅର୍ଧ ଭଗ୍ନ ଅବସ୍ଥାରେ ରହିଛି।ଅଧିକାଂଶ ପାଇଖାନାରେ ପାଣି ପାଇଁ ପାଇପ, ଟ୍ୟାପ୍, ପାଣି ଟାଙ୍କି ସଂଯୋଗ ହୋଇଥିଲେ ମଧ ବ୍ୟବହାର ପାଇଁ ପାଣି ଆସୁନାହିଁ। ଫଳରେ ବାଧ ହୋଇ ଜନସାଧାରଣ ଏଣେ ତେଣେ ମଳତ୍ୟାଗ ଓ ପରିଶ୍ରା କରୁଥିବାରୁ ପରିବେଶ ଦୂଷିତ ହେଉଛି। ଜନସାଧାରଣ କେମିତି ବାହାରେ ମଳତ୍ୟାଗ ନ କରି ପରିବେଶକୁ ଦୂଷିତ ହେବାରୁ ରକ୍ଷା କରାଯାଇ ପାରିବ ଏନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହେଉଛି।ଏନେଇ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଶକୁନ୍ତଳା ହାଁସଦାଙ୍କ ସହିତ ଯୋଗାଯୋଗ କରିବାରୁ ସେ ଶୁକ୍ରବାର ଦିନ ସହରର ଜନସାଧାରଣଙ୍କ ନିମନ୍ତେ ଥିବା ଶୌଚାଳୟ ଗୁଡିକୁ ଯାଇ ଦେଖିବେ ଏବଂ ରକ୍ଷଣାବେକ୍ଷଣା ନିମନ୍ତେ ସୁପର ଭାଇଜରଙ୍କୁ ଦାୟିତ୍ୱ ଦେବେ ବୋଲି ନିଜ ମତ ରଖିଛନ୍ତି। ଖୋଲା ମଳମୁକ୍ତ ଘଷଣା ହେବ ପରଠାରୁ ପୌରପରିଷଦର ୫ ଜଣ କାର୍ଯ୍ୟନିର୍ବାହୀଙ୍କ ବଦଳି ହୋଇଥିଲେ ମଧ ସହରର ବିଭିନ୍ନ ସ୍ଥାନରେ ଥିବା ପାଇଖାନାର ଚିତ୍ର ବଦଳୁ ନାହିଁ। ସ୍ୱଚ୍ଛତା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ଖର୍ଚ୍ଚ ହୋଇଥିଲେ ମଧ ଜନ ସାଧାରଣ ତାହାର ଲାଭ ପାଉନାହାଁନ୍ତି।

## ନୀଳମାଧବ ମନ୍ଦିର ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଓଡ଼ାପଡ଼ା/ହିନ୍ଦୋଳ ୫/୪(ନି.ପ୍ର): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ସ୍ଥିତ ନୀଳମାଧବ ମନ୍ଦିର ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି।ଏହି ଉପଲକ୍ଷେ ଗତ ୩ ତାରିଖ ଗୁରୁବାର ଦିନ କଳସ ଯାତ୍ରା ସହିତ ଧ୍ୱଜାରୋହଣ ପୂଜା, ମଣ୍ଡଳ ପୂଜା,ଓ ଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।୪ ତାରିଖ ଶୁକ୍ରବାର ଦିନ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ପୂଜା,ଠାକୁରଙ୍କ ଷୋଡ଼ଶୋପଚାର ପୂଜା, ଗୀତା ଯଜ୍ଞ,ଶ୍ରୀଯଜ୍ଞ, ଅପରାହ୍ନ ରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ରୂପେ ଜନାର୍ଦ୍ଦନ ପଟ୍ଟନାୟକ ,ଓ ତାଙ୍କ ଧର୍ମ ପତ୍ନୀ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସୂଦନ ପଟ୍ଟନାୟକ, ଜନାର୍ଦ୍ଦନ ପଟ୍ଟନାୟକ ଓ ଉଧବ ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ବଳରାମପ୍ରସାଦ ଗ୍ରାମ ସଭାପତି ଗୋପାଳ ଚନ୍ଦ୍ର ଜେନା ସଂପାଦକ ରମାକାନ୍ତ ମହାପାତ୍ର, ଜଗନ୍ନାଥ ଧିର, ଅଭିମନ୍ୟୁ ମହାପାତ୍ର ଙ୍କ ସହିତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉତ୍ସବ ରେ ଆଖପାଖ ଅଞ୍ଚଳ ରେ ଶତାଧିକ ଭକ୍ତ ଯୋଗ ଦେଇ ପ୍ରଭୁକୃପା ଲାଭ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ଉଦୟପୁର ରେ ଶିକ୍ଷା ସଚେତନତା ରଥ କୁ ସ୍ୱାଗତ

ପାଟଣା ୫/୪(ନି.ପ୍ର): ସାହର ପଡା ବ୍ଲକ ଅନ୍ତର୍ଗତ ଉଦୟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷା ସଚେତନତା ରଥ କୁ ଭବ୍ୟ ସ୍ୱାଗତ କରାଯାଇଛି । ସକାଳ ୭.୩୦ପୂର୍ବରୁ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପାରମ୍ପରିକ ବାଦ୍ୟ ଯନ୍ତ୍ର ଦ୍ୱାରା ଛାତ୍ର ଛାତ୍ରୀ ମାନେ ଶିକ୍ଷା ସଚେତନତା ରଥ କୁ ସ୍ୱାଗତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟିତ୍ରୀ ଉପେନ୍ଦ୍ର କୁମାର ପାତ୍ର, ଦେବଜ୍ୟୋତି ସିଂହ, ଅରୁଣା ଦେଓ, ଜ୍ୟୋସ୍ନାମ ୟୀ ସେଠୀ, ତାପସୀ ତପସ୍ୱିନୀ ସ୍ୱାଇଁ, ସ୍ୱାତୀସ୍ମିତା ସାମଲ ଙ୍କ ସମେତ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ସଚେତନତା ରଥ କୁ ସ୍ୱାଗତ କରିଥିଲେ ।

## ତାରଣୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷାରଥକୁ ସ୍ୱାଗତ

ମୟୂରଭଞ୍ଜ ୫/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ବହୁଳ ଅଞ୍ଚଳ ଭାବରେ ଜାମଦା ବ୍ଲକ ପରିଚିତ ।ଏହି ବ୍ଲକରେ ଶିକ୍ଷାରଥକୁ ବିଦ୍ୟାଳୟ ଗୁଡ଼ିକରେ ବିପୁଳ ଭାବରେ ସ୍ୱାଗତ କରାଯାଉଥିବା ଲକ୍ଷ୍ୟ କରାଯାଉଛି ।ତାରଣୀ ଆଶ୍ରମ ସ୍କୁଲରେ ଶିକ୍ଷାରଥକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଙ୍କ ଜରିଆରେ ଅଭିଭାବକ,ଛାତ୍ରଛାତ୍ରୀ ଶଙ୍ଖ ଓ ହୁଳହୁଳି ଦେଇ ସ୍ୱାଗତ କରାଯାଇଥିବା ସିଆରସିସି ବୁଧୁରାୟ ହେମ୍ବ୍ରମ କହିଛନ୍ତି ।ସିଆରସିସି ଶଂକର ପାତ୍ର ଓ ବୁଧୁରାୟ ହେମ୍ବ୍ରମ ଶିକ୍ଷାରଥକୁ ବିଦ୍ୟାଳୟ ପ୍ରାଗଣକୁ ପ୍ରବେଶ କରାଇଥିବାବେଳେ ପ୍ର.ଶି. ସୁଦାମ ଚନ୍ଦ୍ର ଦତ୍ତ,ସହକାରୀ ଶିକ୍ଷକ ଦୀପକ କୁମାର କାନ୍ତ,ବିଜୟ କୁମାର ସିଂ,ବାନାଊ ହାଁସଦାଃ ସମେତ ଅଭିଭାବକ,ବିଦ୍ୟାର୍ଥୀମାନେ ଶିକ୍ଷାରଥକୁ ସ୍ୱାଗତ କରିଥିଲେ ।ପରେ ପ୍ରବେଶ ଉତ୍ସବ ନିମନ୍ତେ ମଂଚରେ ସୁନ୍ଦର ନାଚ ପ୍ରଦର୍ଶିତ ହୋଇଥିଲା ।ସିଆରସିସି ଓ ପ୍ରଧାନ ଶିକ୍ଷକ ଶିକ୍ଷାରଥ ଓ ପ୍ରବେଶ ଉତ୍ସବ ଉପରେ ସରକାରଙ୍କର ଯୋଜନା ଉପରେ ସଚେତନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବ୍ଲକସ୍ତରୀୟ ଇକୋ-କ୍ଲବ ସମୂହ ପ୍ରଦର୍ଶନୀ ଅନୁଷ୍ଠିତ

ଘଟଗାଁ ୫/୪(ନି.ପ୍ର): ଘଟଗାଁ ସରକାରୀ ତାରିଣୀ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଇକୋ-କ୍ଲବ ସମୂହ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ତାରିଣୀ ବିଦ୍ୟାପୀଠ ଘଟଗାଁର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ସହ ଶିକ୍ଷାଧିକାରୀ ସଞ୍ଜୟ କୁମାର ପଲେଇ, ମୁଖ୍ୟ ବକ୍ତା ରୂପେ ଘଟଗାଁ ବନ୍ୟାଞ୍ଚଳ ଅଧିକାରୀ ସରୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ଗୋଷ୍ଠୀ ସହ ଶିକ୍ଷାଧିକାରୀ ବେଣୁଧର ଆଚାର୍ଯ୍ୟ,ଦେଓବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପଣ୍ଡା,ତରା ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଦେଓ,ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରୋତ୍ତମ ବାରିକ, ବାବୁଲାଲ ପଲେଇ, ରମେଶ ଚନ୍ଦ୍ର ମହାନ୍ତ ଯୋଗଦେଇ ଇକୋ - କ୍ଲବ ସମୂହ ପ୍ରଦର୍ଶନୀର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହିତ ଆମ ପରିବେଶର ସ୍ଥିତି, ଅବସ୍ଥିତି ଏବଂ ଭବିଷ୍ୟତରେ ଭୟଙ୍କର ପରିସ୍ଥିତି ଉପୁଜିବାର ଆଶଙ୍କା ସଂପର୍କରେ ଆଲୋଚନା କରି ଏବେଠାରୁ ସତର୍କ ରହିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ।ପ୍ରଥମେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପଲେଇ ଫିତା କାଟି ଇକୋ କ୍ଲବ୍ ସମୂହ ପ୍ରଦର୍ଶନୀ କୁ ଉଦଘାଟନ କରିଥିଲା ବେଳେ ମା ତାରିଣୀଙ୍କ ଫଟୋ ଚିତ୍ରରେ ଅତିଥି ମାନଙ୍କ ଦ୍ୱାରା ଧୂପ ଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ



କରାଯାଇଥିଲା। ଉକ୍ତ ପ୍ରଦର୍ଶନୀରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ତିରିଶ ରୁ ଉର୍ଦ୍ଧ୍ୱ ଷ୍ଟଲ ଦେଖିବାକୁ ମିଳିଥିଲା । ବ୍ଲକସ୍ତରୀୟ ଇକୋ-କ୍ଲବ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନରେ ବଡଜାମୁପଶି ଗ୍ରା ପ ଉଚ୍ଚ ବିଦ୍ୟାଳୟର ଛାତ୍ର ଜିତ ଜୟପ୍ରକାଶ ପଲେଇ, ଦ୍ୱିତୀୟ ସ୍ଥାନରେ ସତ୍ୟନାରାୟଣ ବିଦ୍ୟାପୀଠ ଢେଙ୍କିକୋଟ ର ଛାତ୍ର ଶୁଭାଶିଷ ମହାନ୍ତ ଏବଂ ତୃତୀୟ ସ୍ଥାନରେ ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାର ଛାତ୍ରୀ ବର୍ଷା ବାହାଦୁର ଯୋଗ୍ୟ ବିବେଚିତ ହୋଇ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ପ୍ରଜ୍ଞା ପରମିତା ପାଢୀ ପରିଚାଳନା କରିଥିବା ବେଳେ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ସସ୍ମିତା ରଥ । ଧନ୍ୟବାଦ୍ ଅର୍ପଣ କରିଥିଲେ ଶିକ୍ଷୟିତ୍ରୀ ସସ୍ମିତା ରାଣୀ ପଣ୍ଡା ଏବଂ ପୁଷ୍ପିତା ବିଶ୍ୱାଳ , ମମିତାମଣୀ ନାୟକ,ଦୁଲାରୀ ମାଝୀ, କବିତା ମଞ୍ଜରୀ ସାହୁ, ସୁନୀତା ଜେନା, ଫକୀର ଚରଣ ସାହୁ ଓ ସାଗରିକା ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ସମଲାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୁଗୁଡ଼ା ୫/୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକର କରଚୁଲି କ୍ଲଷ୍ଟର ଅନ୍ତର୍ଗତ ସମଲାଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସିଆରସିସି ପୂର୍ଣ୍ଣଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ସମଲାଇ ସେବାଶ୍ରମ ପ୍ରଧାନ ଶିକ୍ଷକ ଏବଂ ସମ୍ମାନିତ ଅତିଥିଭାବେ ଏସଏମସି ସଭାପତି ନାରାୟଣ ପ୍ରଧାନ, ଗ୍ରାମ ସଭାପତି ଦିବାକର ପ୍ରଧାନ ଓ ବସନ୍ତ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାପରେ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଶିକ୍ଷଣ ସାମଗ୍ରୀ ଓ ଖେଳନା ପ୍ରଦର୍ଶିତ ହୋଇଥିଲା।

## ଶ୍ରୀ ବିଦ୍ୟାବାଟିକା ର ଚତୁର୍ଥ ବାର୍ଷିକ ସମାରୋହ

ପାଟଣା ୫/୪(ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ଶ୍ରୀ ବିଦ୍ୟାବାଟିକାର ଚତୁର୍ଥ ବାର୍ଷିକ ସମାରୋହ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ।କାର୍ଯକ୍ରମ ରେ ମୁଖ୍ୟଅତିଥି ଭାବେ ପରମପୂଜ୍ୟ ବ୍ରହ୍ମାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା, ଲକ୍ଷ୍ମଣ ନାୟକ ଓ ସେବା ଫାଉଣ୍ଡେସନର ଡକ୍ଟର ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଶିକ୍ଷାବିତ ଧବଳେଶ୍ୱର ବେହେରା କାର୍ଯକ୍ରମ ର ସଂଯୋଜନା କରିଥିଲେ । ଅଧକ୍ଷା ଗୁପ୍ତାଞ୍ଜଳି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯକ୍ରମ ରେ ବିଜ୍ଞାନ ଅଲମ୍ପିଆଡ, ବିଜ୍ଞାନ ପ୍ରଦର୍ଶନୀ ଓ ଶ୍ରେଣୀରେ ଶ୍ରେଷ୍ଟତା ପ୍ରଦର୍ଶନୀ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ କାର୍ଯକ୍ରମ ପରିବେଷଣ କରାଯାଇଥିଲା ।

## ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ପୁଣି ଗର୍ଜିଲା ବନ୍ଧୁକ

### ସାଙ୍ଗରେ ଡାକି ଗୁଳିକରି ନୃଶଂସ ହତ୍ୟା, ହତ୍ୟାକାରୀ ଗିରଫ




ଓଡ଼ାପଡ଼ା/ହିନ୍ଦୋଳ ୫/୪(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ କିଛିଦିନ ବ୍ୟବଧାନରେ ଫୁଣି ଗର୍ଜିଛି ବନ୍ଧୁକ, ହତ୍ୟାର ଶିକାରହୋଇଛି ଜଣେ ଯୁବକ। ଖବରରୁ ପ୍ରକାଶ ଗତକାଲି ରାତିରେ ରସୋଳଥାନା କଦଳିପାଳ ଗାଁ'ର ରାମ ନାଏକଙ୍କ ପୁଅ ବାବୁଲା ନାଏକ(୪୦)ଙ୍କୁ ରସୋଳଥାନା କଦଳିପାଳ ଗାଁର ମହେଶ୍ୱର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ,କଦଳିପାଳର ବାଇଧର ନାଏକର ପୁଅ ସନ୍ତୋଷ ନାଏକ(୪୮),ସଦରଥାନାକ୍ଷ କୁଉମ ଅଞ୍ଚଳର ନରେଶ ସ୍ୱାଇଁ(୪୫),ସଦରଥାନା କୁଉମର ରତ୍ନାକର ଦେହୁରୀ ପୁଅ ଦଣ୍ଡଧର ଦେହୁରୀ(୪୫) ଓ ନିଧି ଛତରଙ୍କ ପୁଅ ପରମାନନ୍ଦ ଛତର(୬୨) ଦେଶୀ ବନ୍ଧୁକସହ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ରାତି ୧୦ଟାରେ ଶିକାର କରିବା କହି ଡାକିନେଇଥିଲେ।ମାତ୍ର ଜଙ୍ଗଲରେ ପ୍ରଶାନ୍ତ ନାଏକ ଧରିଥିବା ବନ୍ଧୁକରୁ ଗୁଳି କରିବାରୁ ବାବୁଲା ନାଏକ ମୃତ୍ୟୁବରଣ କରିଥିଲେ ଏବଂ ଘଟଣା ସମ୍ପର୍କରେ ଆଜି ସକାଳେ ଜଣାପଡିବାରୁ ସେମାନଙ୍କ ସହ ଯାଇଥିବା ବ୍ୟକ୍ତିମାନେ ପ୍ରଶାନ୍ତ ନାଏକର ଗୁଳିମାଡ଼ରେ ବାବୁଲା ପ୍ରାଣ ହରାଇଥିବା ପ୍ରକାଶ କରିଥିଲେ। ତେବେ ହିନ୍ଦୋଳ ଏସଡିପିଓ ସତ୍ୟକୁମାର ନନ୍ଦ ସ୍ୱତନ୍ତ୍ରଭାବରେ ତଦନ୍ତକରି ରସୋଳ ପୋଲିସଦ୍ୱାରା ଘଟଣାସ୍ଥଳରୁ ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବାସହ ଅଭିଯୁକ୍ତ ସନ୍ତୋଷ ନାଏକ, ପ୍ରଶାନ୍ତ ନାଏକ, ନରେଶ ସ୍ୱାଇଁ,ଦଣ୍ଡଧର ଦେହୁରୀ,ପରମାନନ୍ଦ ଛତରଙ୍କୁ ଗିରଫ କରି ମୋଟ ୫ଜଣଙ୍କୁ ରସୋଳଥାନା କେଶନଂ-୯୫/୪. ୪. ୨୫ଇଉ/ଏସ, ୧୦୩(୧)/୩(୫)ବିଏନଏସ ଆର/ଡବ୍ଲୁ ସେକ୍ସନ ୨୫/୨୭ ଅଫ ଆର୍ମସଆକ୍ଟ ସେକ୍ସନ ୧୦୫/୫୧/୩(୫),ବିଏନଏସ-୨୦୨୩ଆର/ଡବ୍ଲୁ ୨୫/୨୭ଅଫ ଆର୍ମଡ଼ ଆକ୍ଟ ୫୨ବନ୍ୟଜନ୍ତୁ ନିରୋଧଆକ୍ଟ ୧୯୭୨ରେ କୋର୍ଟ ଫରଓ୍ୱାର୍ଡ଼ କରି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ତେବେ ମୃତକ ବାବୁଲାର ସ୍ତ୍ରୀ ଝିଲ୍ଲୀ ନାଏକ ଓ ସମ୍ପର୍କୀୟ ଭାଇ ହେମନ୍ତ ନାଇକଙ୍କ କହିବା ଅନୁଯାଇ ମୃତ ବାବୁଲାର ଅଭିଯୁକ୍ତ ସନ୍ତୋଷ ସହ ଛେଳିଚୋରୀକୁ ନେଇ ଆଗରୁ ବିବାଦଥିଲା ଓ ସନ୍ତୋଷ ନାଏକ ସବୁବେଳେ ବାବୁଲାକୁ ଧମକଚମକ ଦେଇଆସୁଥିଲା ଏବଂ ସେଥିପାଇଁ ସନ୍ତୋଷ ଡ଼ାକିନେଇ ଗୁଳିକରୀ ବାବୁଲାକୁ ହତ୍ୟା କରିଛି ।ତେବେ ନିକଟରେ ହିନ୍ଦୋଳସୀମା ସଦରଥାନା ଫାଶୀଗାଁରେ ଜଣେ,୭/୮ମାସପୂର୍ବରୁ ହିନ୍ଦୋଳଥାନା ନୂଆବଗରେ ଗୁଳିମାଡ଼ରେ ଜଣେ ମୃତ୍ୟୁବରଣ ଓ ହିନ୍ଦୋଳ ଏନଏସି ଘାଟିତଳେ ଲଗାତାର ଗୁଳିମାଡ଼ ଭଳି ଘଟଣକ୍ଷମାନ ଘଟିଯାଇଥିବା ଏବଂ ଗାଁଗହଳିରେ ଚୋରାରେ ଦେଶୀବନ୍ଧୁକ ଥିବାସହ ବିଭିନ୍ନ ଅଘଟଣ, ଜନ୍ତୁଶିକାର ହେଉଥିବା ଇତ୍ୟାଦିପାଇଁ ଆଗକୁ ଆଉକଣ ଅଘଟଣ ଘଟିବ ଆଶଙ୍କାପାଇଁ ଜନସାଧାରଣଙ୍କ ଚିନ୍ତାର କାରଣ ପାଲଟିଛି।

## କେନ୍ଦେଇପଶି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା ୫/୪(ନି.ପ୍ର):କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜେମା ମଣି ମହାନ୍ତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଇଓ ପୁର୍ଣ୍ଣଚନ୍ଦ୍ର ଅମାନ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ବିଜୟ କୁମାର ଓଝା ,ସମ୍ମାନୀତ ଅତିଥି ଭାବେ ପ୍ରକାଶ କୁମାର ରାୟ, ସିଆରସିସି ରଞ୍ଜନ କୁମାର ସେଠୀ, ଲମ୍ବୋଧର ସିଂ ,ସରପଞ୍ଚ ମିନାକ୍ଷୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ର ସହକାରୀ ଶିକ୍ଷକ ଇନ୍ଦ୍ରଦ୍ୟୁମ୍ନ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ର ସହକାରୀ ଶିକ୍ଷୟତ୍ରୀ ରମ୍ଭାବତୀ ନାଏକ ,ଶିକ୍ଷକ ବିକାଶ କୁମାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ବିଦ୍ୟାର୍ଜନ ଓ ନମ୍ରତା ଦ୍ୱାରା ସମାଜ ଆଲୋକିତ ହୋଇଥାଏ




ମୟୂରଭଞ୍ଜ ୫/୪(ନି.ପ୍ର):ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ତେଣ୍ଡରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏସ୍ଏମ୍ସି ଅଧକ୍ଷ କାଳିଚରଣ ସିଂକୁଙ୍କ ସଂଯୋଜନାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉତ୍ସବରେ ମୁଖ୍ୟ ଅତିଥି ଦେଉକୁଣ୍ଡି ସିଆରସିସି ନିରଞ୍ଜନ ଗୋପ,ସମ୍ମାନୀୟ ଅତିଥି ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ହାଁସଦାଃ,ନାୟାରାମ ଟୁଡୁ,ହରିହର ପାତ୍ର,ନିମନ୍ତ୍ରୀତ ଅତିଥି ଓଡ଼ିଶା ରାଜ୍ୟ ୟୁଏସ୍ଆଇ ସଂଯୋଜକ ପ୍ରଶ୍ନ ଶତପଥୀ ଯୋଗଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ଉତ୍ତମ ଚରିତ୍ରବାନ୍ ହେବା ସହିତ ଭଲ ପାଠ ପଢି ନିଜ ଗାଁ ଓ ଦେଶର ସୁନାମ ଅର୍ଜନ କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ସଫଳତା ଉଦ୍ଦେଶ୍ୟରେ ବକ୍ତବ୍ୟମାନ ରଖିଥିଲେ ।ବିଦ୍ୟାଳୟର ସହକାରୀ ଶିକ୍ଷକ ରବିନ୍ଦ୍ର ମହାନ୍ତ,ଆକାଶ କୁମାର ଦାସ,ବୁଢ଼ାନମାଝୀ,ମନୋଜ କୁମାର ବାରିକ,ସମସ୍ତ ଏସ୍ଏମ୍ସି ସଦସ୍ୟ,ଗାଁ ମୁଖିଆ,ଆଶା ଦିଦି ପ୍ରମୁଖ ସହଯୋଗ କରିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପଠନ କରିବା ସହ ଶ୍ରଦ୍ଧେୟ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାର୍ଜନ ଦ୍ୱାରା ସମାଜ ଆଲୋକିତ ହୋଇଥାଏ ଏବଂ ବିଦ୍ୟାର୍ଥୀର ନମ୍ରତା ହେଉଛି ସର୍ବୋତ୍ତମ ଗୁଣ। ଯେଉଁ ବିଦ୍ୟାର୍ଥୀର ନମ୍ରତାର ଅଭାବ ଥାଏ, ତାଙ୍କୁ ସଫଳତା ପାଇବା ପାଇଁ ସଂଘର୍ଷ କରିବାକୁ ପଡିବ। ନମ୍ରତା ହିଁ ଜଣେ ଛାତ୍ର ସମାଜର ସମସ୍ତଙ୍କ ପାଖରେ ପ୍ରିୟ କରିଥାଏ ବୋଲି ଉପସ୍ଥାପନ କରିଥିଲେ ।ବିଭିନ୍ନ ଖେଳକୁଦରେ ଓ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ ।ପ୍ରଧାନ ଶିକ୍ଷକ ଉପସ୍ଥିତ ଅତିଥି ଓ ଅଭିଭାବକ/ଅଭିଭାବିକା ଓ ବିଦ୍ୟାର୍ଥୀମାନଙ୍କୁ ଅପ୍ରମିତ ସାଧୁବାଦ ଜ୍ଞାପନ କରିଥିଲେ ।

## ଆରବିଆଇ ନୂଆ ଡେପୁଟି ଗଭାର୍ଣ୍ଣର ହେଲେ ବେତନଟୀ ବୋହୁ ଡ଼ଃ ପୁନମ ଗୁପ୍ତା



ମୟୂରଭଞ୍ଜ ୫/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର ବୋହୁ ଡ଼ ପୁନମ ଗୁପ୍ତା ସର୍ବଭାରତୀୟସ୍ତରରେ ନିଜର ନାମ ଓ ଖ୍ୟାତିଟି ବହୁ ଦୂର ପର୍ଯ୍ୟନ୍ତ ନେଇଯାଇଛନ୍ତି। କେନ୍ଦ୍ରସରକାରଙ୍କ ପକ୍ଷରୁ ତାଙ୍କୁ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ନୂଆ ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ଦିଆଯାଇଛି । ସେ ତିନି ବର୍ଷ ପାଇଁ ଏହି ପଦବୀ ରେ କାର୍ଯ୍ୟ କରିବେ। ଜାନୁଆରୀରେ ଇସ୍ତଫା ଦେଇଥିବା ଡେପୁଟି ଗଭର୍ଣ୍ଣର ମାଇକେଲ ପାତ୍ରଙ୍କ ସ୍ଥାନରେ ଶ୍ରୀମତୀ ଗୁପ୍ତା। ସୂଚନା ଅନୁସାରେ କିଛି ମାସତଳେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ନେଇ ଦେଶର ଅର୍ଥନୈତିକ ବ୍ୟବସ୍ଥାର ସମୀକ୍ଷା କରୁଥିବା ବିଜନେସ ୱାର୍ଲ୍ଡ ପତ୍ରିକାରେ ପ୍ରକାଶିତ ହୋଇଥିବା ଦେଶର ୫ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଡ଼ ପୁନମ ଗୁପ୍ତା ସ୍ଥାନ ପାଇଥିଲେ । ସେ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବେତନଟୀର ପୁଅ ଦୀପକ ମିଶ୍ରଙ୍କ ଧର୍ମପତ୍ନୀ । ଦୀପକ ମିଶ୍ର ଦେଶର ବିଶ୍ୱବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରିଥିବା ବେଳେ ବର୍ତ୍ତମାନ ସେ ଦି ଇଣ୍ଡିଆନ କାଉନସିଲ ଫର ରିସର୍ଚ୍ଚ ଅନ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ (ଆଇ.ସି.ଆର.ଆଇ.ଇ.ଆର)ର ନିର୍ଦ୍ଦେଶକ ତଥା ଚିଫ ଏକଜିକ୍ୟୁଟିଭ ପଦରେ କାର୍ଯ୍ୟରତ ଅଛନ୍ତି। ଦୀପକ ମିଶ୍ରଙ୍କ ପତ୍ନୀ ଡ଼ ପୁନମ ଗୁପ୍ତା ନ୍ୟାସନାଲ କାଉନସିଲ ଅଫ ଏପ୍ଲାଏଡ ଇକୋନୋମିକ ରିସର୍ଚ୍ଚ(ଏନ.ସି.ଏ.ଇ.ଆର)ର ଡାଇରେକଟର ଜେନେରାଲ ସାଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅର୍ଥନୈତୀକ ପରାମର୍ଶ ପରିଷଦର ସଦସ୍ୟା ମଧ ରହିସାରିଛନ୍ତି । ଏହା ପୂର୍ବରୁ ଡ଼ ପୁନମ ଗୁପ୍ତା ବିଶ୍ୱବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି । ପୁନମ ଗୁପ୍ତାଙ୍କ ଶଶୁର ତଥା ଦୀପକ ମିଶ୍ରଙ୍କ ବାପା ଅଜିତ ମିଶ୍ର ଜଣେ ଅବସରପ୍ରାପ୍ତ ଇଲେକ୍ଟ୍ରିକଲ ଇଞ୍ଜିନିଅର, ଭଲ ଫୁଟବଲ ଖେଳାଳି ସହିତ ବେତନଟୀ ଅଞ୍ଚଳରେ ଜଣେ ସମାଜସେବୀ ଭାବେ ପରିଚିତ । ସେ ବେତନଟୀ ବାସଗୃହରେ ରହୁଥିବା ବେଳେ ୧୯୯୨ ମସିହାରେ ତାଙ୍କ ପୁତ୍ରଙ୍କୁ ପୁନମ ସହ ବିବାହ କରାଇଥିଲେ । ପୁନମ ଗୁପ୍ତା ଚାକିରି କାଳ ୨୫ ବର୍ଷ ହୋଇଥିବା ବେଳେ ଏବେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ଆମେରିକାର ୱାସିଙ୍ଗଟନରେ ରହୁଛନ୍ତି ।

## ନୀଳଚକ୍ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ପଣ୍ଡାଙ୍କ ଜୟନ୍ତୀ




ପାଟଣା ୫/୪(ନି.ପ୍ର): ନୀଳଚକ୍ରର ପ୍ରତିଷ୍ଠାତା ପୂର୍ବତନ ସାଂସଦ ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୬ତମ ଜୟନ୍ତୀ ନୀଳଚକ୍ର ପଶ୍ଚିମବଙ୍ଗ ଶାଖା ପକ୍ଷରୁ ପାଳନ କରାଯାଇଛି । ଗୁରୁବାର ସନ୍ଧ୍ୟା ୭ ଘଟିକା ସମୟ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଉପଦେଷ୍ଟା କୃତ୍ତିବାସ ମହାପାତ୍ର ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ନୀଳଚକ୍ର ମହିଳା କମିଟି ସଦସ୍ୟା ସଞ୍ଜିତା ମହାନ୍ତି ଅତିଥି ଭାବେ ଯୋଗଦେଇ କହିଥିଲେ । ବ୍ରହ୍ମାନନ୍ଦ ପଣ୍ଡା ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ଓ ଓଡ଼ିଆ ଭାଷା ତଥା ସଂସ୍କୃତିର ଅନୁରାଗି । ଆଜି ସେ ଆମ ଗହଣରେ ନାହାନ୍ତି ହେଲେ ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ନିମନ୍ତେ ଆମେମାନେ ସମସ୍ତେ ବ୍ରତୀ ହେବା ସମୟ ଆସିଛି । ଅନୁଷ୍ଠାନର ସମ୍ପାଦକ ଶେଷଦେବ ସାମଲ ତାଙ୍କ ବକ୍ତବ୍ୟ ରେ କହିଥିଲେ ଯେ ସେ ଜଣେ ମାଟି ର ସୁଯୋଗ୍ୟ ସନ୍ତାନ । କଲିକତା ବ୍ୟତୀତ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସହିତ ଓଡ଼ିଶା ବାହାର ରାଜ୍ୟରେ ତଥା ବିଭିନ୍ନ ଅଞ୍ଚଳରେ ନୀଳଚକ୍ର ଶାଖା ଗଠନ କରି ଅସଂଖ୍ୟ ସାଂଗଠନିକ ବ୍ୟକ୍ତିମାନଙ୍କୁ ସାମିଲ ଓ ସକ୍ରୀୟ କରାଉ ଥିଲେ । ତାଙ୍କ ଜୀବନ ଥିଲା ଜାତି, ଭାଷା ପାଇଁ ସମର୍ପିତ। ଅନ୍ୟମାନଙ୍କ ମଧ୍ୟରେ ବିମ୍ବାଧର ପଲେଇ , ସୁଧୀର କୁମାର ଗେଡୀ,କୋଷାଧକ୍ଷ ବ୍ରଜ କିଶୋର ଦାସ,ତପନ କୁମାର ବେହେରା,ରତିକାନ୍ତ ସାହୁ,ହିମାଂଶୁ ଶେଖର ଦାସ,ଧର୍ମେନ୍ଦ୍ର ବିଶ୍ୱାଳ ଓ ରବିନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ବ୍ରହ୍ମାନନ୍ଦ ପଣ୍ଡାଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କ ଗଢା ଏହି ସଂଗଠନକୁ ଜାତି ଭାଷା ପାଇଁ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ ।

# କେନ୍ଦ୍ରାପଡ଼ାରେ ପ୍ରକଳ୍ପ, ପାଣି ପିଉଛି ଭଦ୍ରକ





କେନ୍ଦ୍ରାପଡ଼ା, ୫/୪: କେନ୍ଦ୍ରାପଡ଼ା ଜିଲ୍ଲା ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ହୋଇ, ପାଣି ଯାଉଛି ଭଦ୍ରକ ଜିଲ୍ଲାକୁ। ଆଜିକୁ ପ୍ରାୟ ୬ ମାସ ହେବ ମେଗା ପ୍ରକଳ୍ପ ପାଣି ପିଉଛନ୍ତି ଭଦ୍ରକ ଜିଲ୍ଲାର ୪ଟି ବ୍ଲକ ବାସିନ୍ଦା। ଏପଟେ କିନ୍ତୁ ଉତ୍କଟ ଜଳ ସମସ୍ୟା ଭିତରେ ଖୋଦ୍ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏବଂ ରାଜକନିକା ବ୍ଲକର ଲୋକେ। ସେମାନଙ୍କ ଅଭିଯୋଗ, ସେମାନଙ୍କ ଅଞ୍ଚଳରୁ ପାଣି ଅନ୍ୟ ଜିଲ୍ଲାକୁ ଯାଉଥିବା ବେଳେ ନିଜ ଜିଲ୍ଲା ପାଇଁ ତିଆରି ହେଉଥିବା ପାନୀୟ ଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯାହା ପାଇଁ ଏବେ ଖରାଦିନେ, ପାଣି ଲାଗି ହନ୍ତସନ୍ତ ହେଉଛନ୍ତି ହଜାର ହଜାର ପରିବାର। କେନ୍ଦ୍ରାପଡ଼ା ଜିଲ୍ଲାରେ ପାନୀୟ ଜଳ ପ୍ରକଳ୍ପ, ପାଣି ପିଉଛନ୍ତି ଭଦ୍ରକ ଜିଲ୍ଲାବାସୀ। ଯେଉଁ ଜିଲ୍ଲାରେ ପ୍ରକଳ୍ପ ସେ ଜିଲ୍ଲାବାସୀଙ୍କୁ ପ୍ରତିଶ୍ରୁତି ପରେ ବି ମିଳିନି ପିଇବା ପାଣି। କଥାଟା ଅଜବ ଲାଗୁଥିଲେ ବି ସତ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ଖରସ୍ରୋତା ନଦୀର ବରୁଣାଡ଼ିଆଠାରେ ମେଗା ପାନୀୟ ଜଳ ପ୍ରକଳ୍ପ। କିନ୍ତୁ ପ୍ରକଳ୍ପରୁ ପାଣି ଯାଇ ପହଞ୍ଚିଛି ଭଦ୍ରକ ଜିଲ୍ଲାର ୪ଟି ବ୍ଲକ ଚାନ୍ଦବାଲି, ତିହିଡ଼ି, ବାସୁଦେବପୁର ଓ ଧାମନଗରରେ। ଆଜିକୁ ପ୍ରାୟ ୬ ମାସ ହେବ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ଅନେକାଂଶରେ ଦୂର ହୋଇଛ ଭଦ୍ରକ ଜିଲ୍ଲାବାସୀଙ୍କ ଜଳ କଷ୍ଟ। କିନ୍ତୁ ପ୍ରକଳ୍ପ ଯେଉଁଠୁ ସୃଷ୍ଟି ହୋଇଛି, ସେ ବ୍ଲକ୍ କିମ୍ବା ତାର ଆଖପାଖ ଅଞ୍ଚଳରେ ପାଣି ପାଇଁ ଆଉଟୁ ପାଉଟୁ ଲୋକେ। ବିଶେଷକରି ଆଳି ଏବଂ ରାଜକନିକା ବ୍ଲକ୍ ବାସିନ୍ଦାଙ୍କ ଅଭିଯୋଗ, ୨୦୧୯-୨୦ରେ ପ୍ରକଳ୍ପକୁ ଘୋର ବିରୋଧ କରିଥିଲେ ଅଞ୍ଚଳବାସୀ। କିନ୍ତୁ ସେତେବେଳର ସରକାର ଆନ୍ଦୋଳନକୁ ଥମାଇବା ପାଇଁ ଖରସ୍ରୋତାରେ ଆଉ ଏକ ପ୍ରକଳ୍ପ କରି ଆଳି ଏବଂ ରାଜକନିକ ବ୍ଲକକୁ ପିଇବା ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯା ଭିତରେ ପ୍ରାୟ ୫ ବର୍ଷ ବିତିଯାଇଥିଲେ ବି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନି କି ପାଣି ପାଇ ନାହାନ୍ତି ଆଳି ଓ ରାଜକନିକାବାସୀ। କେନ୍ଦ୍ରପଡ଼ା ରାଜକନିକା ବ୍ଲକର ବରୁଣାଡିଆଠାରେ ଆଳି ଓ ରାଜକନିକା ଲୋକଙ୍କ ଜଳ କଷ୍ଟ ଦୂର କରିବାକୁ ନିର୍ମାଣାଧୀନ ଥିବା ପ୍ରକଳ୍ପ ୨୦୨୩ରେ ଶେଷ କରିବାକୁ ଟାର୍ଗେଟ୍ ରଖାଯାଇଥିଲା। କିନ୍ତୁ ଯା ଭିତରେ ୨୦୨୫ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପର ମାତ୍ର ୪୦ ପ୍ରତିଶତ କାମ ବି ଶେଷ ହୋଇନଥିବା କୁହାଯାଉଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଆକ୍ରୋଶ ଆଉ ଅସନ୍ତୋଷ। ଏପରିକି ସେମାନଙ୍କୁ ଆଗେ ପିଇବା ପାଣି ଯୋଗାଇ ଦେବା ପରେ ଭଦ୍ରକକୁ ପାଣି ଯିବାର ପ୍ରତିଶ୍ରୁତି ମିଳିଥିଲେ ବି, ସରକାର ପ୍ରତିଶ୍ରୁତି ପୂରଣ ନକରି ସେମାନଙ୍କ ଦାବିକୁ ଅଣଦେଖା କରିଥିବା କହିଛନ୍ତି। ଏବେ ଖରାଦିନ ଆରମ୍ଭରୁ ଆଳି ଓ ରାଜକନିକା ଅଞ୍ଚଳରେ ଉତ୍କଟ ଜଳ ସମସ୍ୟା ଦେଖାଦେଲାଣି। ସେପଟେ ସରକାର ଯଦି ତୁରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାମ କରି ପିଇବା ପାଣି ଯୋଗାଇ ନଦିଅନ୍ତି, ତେବେ ଆଗକୁ ପୁଣି ବଡ଼ ଧରଣର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ଲୋକେ।

## ଓଡ଼ିଶା ଗାଁରେ ପହଞ୍ଚିବାକୁ ଆନ୍ଧ୍ର ରାସ୍ତା ଭରସା
## କେବେ ଦୂରହେବ ଉପାନ୍ତବାସୀଙ୍କ ଦୁଃଖ



ମାଲକାନଗିରି, ୫/୪: ଓଡ଼ିଶା ମାନଚିତ୍ରରେ ଏମିତି ଏକ ପଞ୍ଚାୟତ ରହିଛି, ଯେଉଁଠିକୁ ଯିବାକୁ ହେଲେ ଆନ୍ଧ୍ର ଉପରେ ଭରସା କରିବାକୁ ପଡିଥାଏ । ଆନ୍ଧ୍ର ପ୍ରଦେଶ କରିଥିବା ରାସ୍ତା ଦେଇ ହିଁ ଯିବାକୁ ପଡିବ ଓଡ଼ିଶାର ଏହି ପଞ୍ଚାୟତକୁ । ଆଉ ଓଡିଶା ଦେଇ ଯିବାକୁ ହେଲେ , ୬୦ କିଲୋମିଟରର ଜଳଯାତ୍ରା କରିବାକୁ ପଡିଥାଏ । ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର 'ଯନ୍ତ୍ରୀ' ପଞ୍ଚାୟତ । ବଣ ପାହାଡ ଘେରା ଏହି ଅପହଞ୍ଚ ଜାଗାରେ ପହଞ୍ଚିବା କାଠିକର ପାଠ । ଗାଁ ଓଡ଼ିଶାରେ, ହେଲେ ବିନା ଆନ୍ଧ୍ରରେ ବାଟ ନାହିଁ । ବ୍ଲକ୍ ସଦର ମହକୁମା ଚିତ୍ରକୋଣ୍ଡାରୁ ଯନ୍ତ୍ରୀର ଦୂରତା ୮୦ କିଲୋମିଟରରୁ ଅଧିକ । ପହଞ୍ଚିବାକୁ ଲାଗିଯାଏ ୩ ଘଣ୍ଟା ସମୟ । କାରଣ, ଘାଟି ରାସ୍ତା ସହ ୯୦ ପ୍ରତିଶତ ରାସ୍ତା ଅବଡାଖାବଡା । ଓଡ଼ିଶା ଦେଇ ଯନ୍ତ୍ରୀ ପଞ୍ଚାୟତକୁ ଯିବାକୁ ହେଲେ ଏକମାତ୍ର ଲଞ୍ଚ ହିଁ ଭରସା । ପଞ୍ଚାୟତରେ ପହଞ୍ଚିବା ପାଇଁ ପାଖାପାଖି ୬୦ କିଲୋମିଟରର ଜଳଯାତ୍ରା କରିବାକୁ ପଡିଥାଏ । ତେଣୁ ସକାଳ ୧୦ଟାରେ ଚିତ୍ରକୋଣ୍ଡାରୁ ବାହାରିଲେ ଘରେ ସଂଧାରେ ପହଞ୍ଚନ୍ତି ଲୋକେ । ସ୍ଥଳଭାଗରେ ରାସ୍ତା ନାହିଁ। ପଞ୍ଚାୟତରେ ରହିଛି ୧୩ଟି ଗାଁ । ଏଥିମଧ୍ୟରୁ ଆରଲମ ପଡା, ଦାବୁଗୁଡା ଏବଂ ଧାକଡ଼ ପଦର ଭଳି ଗାଁ ସଂପୂର୍ଣ୍ଣ ଜଳବନ୍ଦୀ । ଏହି ଗାଁ ପାଇଁ ଦେଶୀ ଡଙ୍ଗା ହିଁ ଏକମାତ୍ର ଭରସା । ନାହିଁ ନାହିଁର ଗାଁରେ ଝାଟି-ମାଟି ଓ ଖପରାର ଘର ଦେଖିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । କିଛି ସ୍ଥାନରେ ପଲିଥିନ୍ ତଳେ ମୁଣ୍ଡ ଗୁଞ୍ଜିଛନ୍ତି ପରିବାର । ଭଙ୍ଗା ଦଦରା ଘରେ ଚାଲିଛି ପଂଚାୟତ ଅଫିସ । ପିଇବା ପାଣି କଥା ତ ନ କହିଲେ ଭଲ । ବର୍ଷ ବର୍ଷ ଧରି ଲୋକଙ୍କ ଶୋଷ ମେଣ୍ଟାଉଛି ଝରଣାର ଚୁଆ ପାଣି । ଖରା ହେଉ କି ବର୍ଷା, ଚୁଆ ପାଣିରେ ବଞ୍ଚିଛି ଜୀବନ । ଦଶନ୍ଧି ଦଶନ୍ଧି ଧରି ମାଓବାଦୀଙ୍କ କବଜାରେ ଥିଲା ଯନ୍ତ୍ରୀ ପଞ୍ଚାୟତ । ତେବେ BSF କ୍ୟାମ୍ପ ହେବା ପରେ ବଦଳିଛି ଚିତ୍ର । ଦୂର ହୋଇଛି ନକ୍ସଲ ଆତଙ୍କ । ହେଲେ ସମସ୍ୟା ଯେଉଁଠି ସେଇଠି । ସରକାରଙ୍କ ମୌଳିକ ସୁବିଧାରୁ ବହୁ ପଛରେ ଏଠାକାର ଲୋକେ । ଏନେଇ ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲେ ବି ଫଳ ଶୂନ । ତୁରନ୍ତ ପ୍ରଶାସନ ଏହି ପଞ୍ଚାୟତ ପ୍ରତି ଦୃଷ୍ଟି ନଦେଲେ କୋରାପୁଟର କୋଟିଆ ଓ ମାଲକାନଗିରିର ଜୁମଡାଙ୍ଗ ପରି ଯନ୍ତ୍ରୀ ପଞ୍ଚାୟତକୁ ଆନ୍ଧ୍ର ନିଜ କବଜାକୁ ନେଇଯିବା ଆଶଙ୍କା ଦେଖାଦେଇଛି ।

## ଲୁଟ୍ ପାଇଁ ବୃଦ୍ଧାଙ୍କୁ ହତ୍ୟା

ଯାଜପୁର, ୫/୪: ଲୁଟ୍ ପାଇଁ ଆସି ଆକ୍ରମଣ କଲେ ଦୁର୍ବୃତ୍ତ । ଯାଜପୁର ଜିଲ୍ଲାରେ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । ଲୁଟ୍ କରିବାକୁ ଆସିଥିବା ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ କୌଶଲ୍ୟା ପତି। ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନସ୍ଥ ବାଲିପଡିଆ ପଞ୍ଚାୟତ ତିଗିରିଆ ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଘରେ ପଶି ଲୁଟ୍ କରିବାକୁ ଉଦ୍ୟମ କରିବାବେଳେ ତିଗିରିଆ ଗ୍ରାମର କୌଶଲ୍ୟା ପତି ଓ ତାଙ୍କ ଝିଅ ଘରେ ଥିଲେ । ତେବେ ଲୁଟ୍ କରିବା ସମୟରେ ଦୁର୍ବୃତ୍ତମାନେ ମା ଏବଂ ଝିଅଙ୍କୁ ଆକ୍ରମଣ କରିଥିଲେ । ଯାହା ଫଳରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ଆହତ ହୋଇଛନ୍ତି । ଝିଅ ଜୋରରେ ଚିତ୍କାର କରିବାରୁ ପଡ଼ୋଶୀ ଉଠି ଆସିଥିଲେ । ଏହି ସମୟରେ ଲୁଟେରାମାନେ ଫେରାର ହୋଇଯାଇଥିଲେ । ଘଟଣା ସ୍ଥଳରେ ବାଲିଚନ୍ଦ୍ରପୁର ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

## ଦଳ ଏବେ ଧର୍ମ ସଙ୍କଟରେ: ବଦ୍ରି ପାତ୍ର

ଭୁବନେଶ୍ୱର,୫/୪: ୱାକଫ୍‌କୁ ନେଇ ସସ୍ମିତଙ୍କୁ ଟାର୍ଗେଟ କଲେ ବଦ୍ରି ନାରାୟଣ ପାତ୍ର । ୱାକଫ୍‌କୁ ନେଇ ଦଳରେ ବିଶ୍ୱାସର ସଙ୍କଟ ହେଲା କହିଲେ । ସନ୍ଦେହ ରହୁଛି , ପ୍ରଫୁଲ୍ଲ ସାମଲ ଆହ୍ୱାନ ଦାବି କରିଛନ୍ତି । ସସ୍ମିତ ପାତ୍ର ଏତେ ବଡ ସାହସ କଲେ କେମିତି କହିଛନ୍ତି ବଦ୍ରି ପାତ୍ର । କିଏ ଗୋଟେ ଖେଳ କଲା , କେଉଁଠି ଖେଳ ହେଲା ଜାଣିବା ଆବଶ୍ୟକ । ନବୀନ ନିର୍ଦ୍ଦେଶ ଦେଇଥିଲେ, ଶେଷ ମୂହୁର୍ତ୍ତରେ ନିଷ୍ପତ୍ତି ବଦଳିଲା କେମିତି ।

## ପରିସଂଖ୍ୟାନ ବ୍ୟବସ୍ଥା ସୁଦୃଢ଼ କରିବ ବିଶ୍ୱବ୍ୟାଙ୍କ



ଭୁବନେଶ୍ୱର : ବରିଷ୍ଠ ଅର୍ଥନୀତିଜ୍ଞ ତଥା ଟିମ୍ ମୁଖ୍ୟ ଥୋମାସ ଡାନିଏଲିଭିଟ୍ଜଙ୍କ ନେତୃତ୍ୱରେ ବିଶ୍ୱ ବ୍ୟାଙ୍କର ସଦସ୍ୟମାନଙ୍କ ସହିତ ଏକ ବୈଷୟିକ ମିଶନ ଓଡ଼ିଶାର ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ (ଡିଇଏସ୍)ର ଅଧିକାରୀମାନଙ୍କ ସହ ଏପ୍ରିଲ ୩ ଓ ୪ ତାରିଖରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରିଛନ୍ତି । ବିଶ୍ୱବ୍ୟାଙ୍କ ସମର୍ଥିତ ଓଡ଼ିଶା ରାଜ୍ୟ ସାମର୍ଥ୍ୟ ଓ ସହାୟକ ଅଭିବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ପରିସଂଖ୍ୟାନଭିତ୍ତିକ ତଥ୍ୟ ଇକୋସିଷ୍ଟମର ବିକାଶ ଓ ସୁଦୃଢ଼ୀକରଣ ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ପାଇଁ ବିଶ୍ୱବ୍ୟାଙ୍କ ଟିମ୍ ଓଡ଼ିଶାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସହିତ ଆଜି ଏପ୍ରିଲ ୪ ତାରିଖରେ ଯୋଜନା ଓ ସଂଯୋଜନ ବିଭାଗର ସମ୍ମିଳନୀ କକ୍ଷରେ ଆଲୋଚନା କରିଥିଲେ । ବୈଠକରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଆନ୍ତର୍ଜାତିକ ବିଶେଷଜ୍ଞଙ୍କ ସହାୟତାରେ ରାଜ୍ୟ ସରକାରଙ୍କ ସମସ୍ତ ପରିସଂଖ୍ୟାନ ପ୍ରକ୍ରିୟା ଏବଂ ଉତ୍ପାଦରେ ଜେନେରିକ ପରିସଂଖ୍ୟାନ ବ୍ୟବସାୟ ପ୍ରକ୍ରିୟା ମଡେଲିଂକୁ ଗ୍ରହଣ କରିବା ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାବ୍ୟତୀତ ଓଡ଼ିଶାରେ ପରିସଂଖ୍ୟାନଭିତ୍ତିକ ତଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଆନ୍ତର୍ଜାତିକ ସ୍ତରର ସର୍ବୋତ୍ତମ ପ୍ରଚେଷ୍ଟା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ କରିବା ଲକ୍ଷ୍ୟରେ ଦେଶର ବିଭିନ୍ନ ଅଗ୍ରଣୀ ରାଜ୍ୟ ତଥା ବିଦେଶ ଗସ୍ତ ମାଧ୍ୟମରେ ଡିଇଏସ୍ ଅଧିକାରୀଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି ବୈଠକରେ ଓଡ଼ିଶା ସମନ୍ୱିତ ପରିସଂଖ୍ୟାନ ବ୍ୟବସ୍ଥା (ଓଆଇଏସ୍ଏସ୍) ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯାହା ପ୍ରଶାସନିକ ବିଭାଗଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ଓ ସମନ୍ୱୟକୁ ପ୍ରୋତ୍ସାହିତ କରିବା, ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ତଥ୍ୟର ଠିକ୍ ସମୟରେ ଏବଂ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଉପରେ ପ୍ରାଧାନ୍ୟ ଦେଉଛି । ଏହିଭଳି ପଦକ୍ଷେପ ରାଜ୍ୟର ପରିସଂଖ୍ୟାନ ଦକ୍ଷତାକୁ ଯଥେଷ୍ଟ ସୁଦୃଢ଼ କରିବା ସହ ସଠିକ ନୀତି ନିର୍ଦ୍ଧାରଣ ଓ ଶାସନପ୍ରକ୍ରିୟାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

### ଆଧାରକାର୍ଡ, ଜନ୍ମ ପ୍ରମାଣପତ୍ର ନାହିଁ

## ସ୍କୁଲ୍ ମାଡ଼ି ପାରୁନାହାନ୍ତି ୪୨ ପିଲା



ବନ୍ଧୁଗାଁ,୫/୪: ସରକାରୀ ଅବହେଳାରୁ ଗୋଟିଏ ପଞ୍ଚାୟତର ୪୨ ପିଲା ଶିକ୍ଷା ଅଧିକାରରୁ ବଞ୍ଚିତ। ଘର କାମରେ ସହଯୋଗ କରୁଛନ୍ତି, ନଚେତ ଗାଈ ଚରାଇବାକୁ ଯାଉଛନ୍ତି। ଯାହାର ସୂଚନା ଶିକ୍ଷା ବିଭାଗ ନିକଟରେ ନାହିଁ। ଶିଶୁ ଜନ୍ମ ହେବାର ୬ ମାସ ମଧ୍ୟରେ ଜନ୍ମ ପ୍ରମାଣପତ୍ର କରିବାକୁ ପଡ଼ିଥାଏ। ଏହି ଆଧାରରେ ଶିଶୁଙ୍କ ଆଧାରକାର୍ଡ ହେଲେ ବିଦ୍ୟାଳୟରେ ନାଁ ଲେଖାଇବା ପାଇଁ ବ୍ୟବସ୍ଥା ରହିଛି। ବନ୍ଧୁଗାଁ ବ୍ଲକ୍ ପେଦାୱାଲଡ଼ା ପଞ୍ଚାୟତରେ ପାଠପଢ଼ା ବୟସରେ କେତେ ପିଲା ଅଛନ୍ତି ଏବଂ ସେଥିରୁ କେତେ ପିଲା ବିଦ୍ୟାଳୟ ଯାଉଛନ୍ତି ତାହାର ତାଲିକା କିଛି ଦିନ ତଳେ ପ୍ରସ୍ତୁତ କରିଥିଲେ ସରପଞ୍ଚ ଶେଖର କଣ୍ଡାଗୋରି। ପଞ୍ଚାୟତର ୧୨ ଗାଁ ବୁଲି ସର୍ଭେ କରିବାରୁ ୬ରୁ ୧୪ବର୍ଷ ମଧ୍ୟରେ ୫୦୨ ପିଲା ରହିଥିବା ଜଣାପଡ଼ିଥିଲା। ସେଥିରୁ ୪୬୦ଜଣ ପିଲା ଗାଁ ସ୍କୁଲ କିମ୍ବା ଗାଁ ବାହାର ଆଶ୍ରମ ବିଦ୍ୟାଳୟରେ ପଢୁଛନ୍ତି। ବଳକା ୪୨ ପିଲା ଏଯାଏଁ ବିଦ୍ୟାଳୟ ମାଡ଼ି ନାହାନ୍ତି। କେଉଁ କାରଣରୁ ପିଲା ସ୍କୁଲ ଯାଉନାହାନ୍ତି ପଚାରିବାରୁ ଜଣାଗଲା ଯେ କାହାର ବି ଆଧାରକାର୍ଡ ନାହିଁ। ପିଲାଙ୍କ ପାଠପଢ଼ା ବୟସ ହୋଇସାରିଥିଲେ ସୁଦ୍ଧା ଆଧାରକାର୍ଡ ଶିକ୍ଷାରେ ବାଧକ ସାଜିଛି। ଅଭିଭାବକ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଆଧାରକାର୍ଡ ସଂଗ୍ରହ ପାଇଁ ଉଦ୍ୟମ କରିଛନ୍ତି। ଆଧାର କେନ୍ଦ୍ରରେ ଜନ୍ମ ପ୍ରମାଣପତ୍ର ମାଗୁଛନ୍ତି। ମମତା କାର୍ଡ ନେଇ ଡାକ୍ତରଖାନାକୁ ଗଲେ ପଞ୍ଜୀକରଣ ହୋଇନଥିବା କୁହାଯାଉଛି। ପୁଣି ଅନ୍‌ଲାଇନ୍‌ରେ ଶିଶୁଙ୍କ ତଥ୍ୟ ଅପଲୋଡ୍ ହୋଇନି କିମ୍ବା ଏଏନ୍ଏମ୍ କୌଣସି ସୂଚନା ଡାକ୍ତରଖାନାକୁ ଦେଇନାହାନ୍ତି ବୋଲି କହୁଛନ୍ତି। ମମତା କାର୍ଡରେ ଶିଶୁର ଜନ୍ମ ଆନ୍ଧ୍ରରେ ହୋଇଛି, ଶିଶୁ ଘରେ ଜନ୍ମ ହୋଇଛି ବୋଲି ଦର୍ଶାଇ ଜନ୍ମ ପ୍ରମାଣପତ୍ର ଦେଉନାହାନ୍ତି। ଜନ୍ମ ପ୍ରମାଣପତ୍ର ଆବେଦନ ଲାଗି ଅନେକ ବିଳମ୍ବ ହୋଇଯାଇଛି। ଏଥିପାଇଁ କୋର୍ଟରେ ସତ୍ୟପାଠ କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଉଛି। ସତ୍ୟପାଠ ପାଇଁ କିଛି ଅଭିଭାବକଙ୍କୁ ୧୦ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ମଗାଯାଇଛି। ଏମିତି ଝିନଝଟ୍ ଯୋଗୁଁ ହୀନସ୍ତା ହୋଇ ଗରିବ ଆଦିବାସୀ ପିତାମାତା ନିରାଶରେ ରହିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୫/୪: ମୁଖ୍ୟ ଶାସନ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତମାର୍ଚ୍ଚ ମାସ ୧୧ ତାରିଖରେ ଅନୁଷ୍ଠିତ ସଚିବସ୍ତରୀୟବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରାଯାଇଥିଲା। ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିବଦ୍ଧତା ରହିଛି, ତାହାକୁ ଦୃଷ୍ଟିରେ ରଖି ବିଭାଗମାନେ ବିଭାଗୀୟ କାର୍ଯ୍ୟ ନିଷ୍ପାର ସହ ସମ୍ପାଦନ ପାଇଁ ପ୍ରୟାସ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ବୈଠକରେ ଆର୍ଥିକ ବର୍ଷ ୨୦୨୪-୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ପ୍ରତିଶତ ସମୀକ୍ଷା କରାଯାଇଥିଲା ।୨୦୨୫-୨୬ଆର୍ଥିକବର୍ଷରେ ବିଭିନ୍ନ ବିଭାଗ ପାଇଁ ବଜେଟ୍ ପ୍ରାବଧାନ ଅନୁସାରେ ଅର୍ଥ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ୨୦୨୪-୨୫ ବର୍ଷରେ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ବାବଦରେ କରାଯାଇଥିବା ଖର୍ଚ୍ଚଓ ବିନିଯୋଗ ପ୍ରମାଣପତ୍ର ପ୍ରଦାନକୁ ଗୁରୁତ୍ୱ ଦିଆଯାଇ ଥିଲା । ବୈଠକରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା-ଭିଜନ ୨୦୩୬ ଓ ୨୦୪୭ ପ୍ରସଙ୍ଗରେ ଆଲୋଚନା କରାଯାଇ ବିଭିନ୍ନ ବିଭାଗର ପ୍ରମୁଖ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଉପଲବ୍ଧି ହେବା ପାଇଁ ୱାର୍କ ପାସବୁକ୍ ବ୍ୟବସ୍ଥା କାର୍ଯ୍ୟକାରୀ ଅଗ୍ରଗତି ସଂପର୍କରେ ଆଲୋଚନା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଜଳ ସମ୍ପଦ ବିଭାଗ ସହଯୋଗରେ ପାନୀୟ ଜଳ ଓ ଏଲ୍ଆଇ ପଏଣ୍ଟରେ ପାଇପ୍‌ଯୋଗେ ଜଳସେଚନ ବ୍ୟବସ୍ଥାର ରିଅଲଟାଇମ୍ମନିଟରିଂ ପାଇଁ ଏକ କେନ୍ଦ୍ରୀୟ ବ୍ୟବସ୍ଥା ବିକଶିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟିବି ଭାଗ ଦ୍ୱାରା ଅନୁସୂଚିତ ଜନଜାତି , ଅନୁସୂଚିତ ଜାତି ଉନ୍ନୟନ , ସଂଖ୍ୟା ଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗର ଷ୍ଟାଫ୍କୱାର୍ଟର୍ସ ସମେତ ବିଦ୍ୟାଳୟ ଏବଂ ହଷ୍ଟେଲ ବିଲ୍ଡିଂର ଆସେଟ୍ମ୍ୟାନେଜମେଣ୍ଟ ପାଇଁ ଏକ ପୋର୍ଟାଲ ବିକଶିତ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଜନ ଶୁଣାଣି ପ୍ରକ୍ରିୟାର ସୁବ୍ୟବସ୍ଥା, ଅଭିଯୋଗ ସମାଧାନ ପ୍ଲାଟଫର୍ମରି-ଇଞ୍ଜିନିୟରିଂ ପୂର୍ବକ ଏହାର ଦକ୍ଷତା, ଉପଲବ୍ଧତା ଏବଂ ଫଳ ପ୍ରଦତାରେ ଉନ୍ନତି ଆଣିବା ଓ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା, ଆରମ୍ଭ ହେବାକୁ ଥିବା ସିଟିଜେନ୍ସିତ ବ୍ୟାକ୍ମ୍ୟାନେଜମେଣ୍ଟ ସିଷ୍ଟମ ପୋର୍ଟାଲ ପାଇଁ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଗ୍ରେଟର ରାଉରକେଲା ଏକମାତ୍ର ବିକଳ୍ପ
## ଜନସଂଖ୍ୟା ବଢୁଛି, ଭିତ୍ତିଭୂମି ସ୍ଥାଣୁ



ରାଉରକେଲା,୫/୪: ସ୍ମାର୍ଟସିଟି ରାଉରକେଲାର ଜନସଂଖ୍ୟା କ୍ରମଶଃ ବୃଦ୍ଧିପାଇବାରେ ଲାଗିଛି। ତେବେ ସେହି ଅନୁପାତରେ ସୁବିଧାସୁଯୋଗ କିନ୍ତୁ ମିଳୁନି। ଭଡ଼ାଟିଆ ଘରଭଡ଼ା ପାଇଁ ଯାବତୀୟ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ନୂଆ ଶିଳ୍ପକାରଖାନା ବି ସ୍ଥାପନ ହେଉନି। ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ତଥା ଅନ୍ୟାନ୍ୟ ସଂସ୍ଥାରୁ ଅବସର ନେଉଥିବା ସରକାରୀ ଅଧିକାରୀ ରାଉରକେଲା ଛାଡୁଛନ୍ତି। ଏସବୁର ମୂଳ କାରଣ ହେଉଛି, ରାଉରକେଲା ସହରର ଅଭିବୃଦ୍ଧିରେ ସ୍ଥାଣୁତା। ସଂପ୍ରତି ସହରରେ ବାସଗୃହ ଠାରୁ ଆରମ୍ଭକରି ଶିଳ୍ପକାରଖାନା ସ୍ଥାପନ, ପ୍ରକଳ୍ପ ନିର୍ମାଣ ପାଇଁ ଜମିର ଘୋର ଅଭାବ। ଜମିର ଅଭାବଯୋଗୁଁ ସହରର ସଂପ୍ରସାରଣ ସମ୍ଭବ ହେଉନି। ଏବେ ରାଉରକେଲାର ସମଗ୍ର ବିକାଶ ପାଇଁ 'ଗ୍ରେଟର ରାଉରକେଲା' ଏକମାତ୍ର ବିକଳ୍ପଭାବେ ଉଭା ହୋଇଛି। ରାଉରକେଲା ସହର ମୁଖ୍ୟତଃ ଦୁଇ ଭାଗ, ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ସହରାଞ୍ଚଳ ଓ ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ଅଞ୍ଚଳରେ ବିଭକ୍ତ। ଆରଏମ୍‌ସି ଅନ୍ତର୍ଗତ ସିଭିଲ ଟାଉନସିପ୍, ଛେଣ୍ଡ, ବାସନ୍ତୀକଲୋନି, ପାନପୋଷ, ଉଦିତନଗର ଆଦି ଅଞ୍ଚଳରେ ଖାଲି ଜମି ନାହିଁ। ପାଖାପାଖି ଗତ ୨ ଦଶନ୍ଧିହେଲା ଏ ଅଞ୍ଚଳରେ ନୂଆ ଘର ନିର୍ମାଣ ହୋଇପାରୁନି। ଅପରପକ୍ଷରେ ଆରଏସ୍‌ପି ସହରାଞ୍ଚଳ ଅନ୍ତର୍ଗତ ଜମି, ଆରଏସ୍‌ପି ମାଲିକାନାସତ୍ତ୍ୱରେ ଥିବାରୁ ଏଠାରେ ରାଜ୍ୟସରକାର ପ୍ରକଳ୍ପ ନିର୍ମାଣ କରିପାରୁନାହାନ୍ତି। ଫଳରେ ଏହି ଅଞ୍ଚଳରେ ବହୁ ପରିମାଣର ଜମି ଖାଲିପଡ଼ିଥିଲେ ସୁଦ୍ଧା ସେଠାରେ ପ୍ରକଳ୍ପ ନିର୍ମାଣ ହୋଇପାରୁନି। ଅବଶ୍ୟ, ଆରଏସ୍‌ପିଠାରୁ ଅବ୍ୟବହୃତ ଜମିକୁ ନିଜ ଅକ୍ତିଆରକୁ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଭିତ୍ତିଭୂମି ନିର୍ମାଣ କରାଯାଇପାରିବ। କିନ୍ତୁ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି, ଯଦ୍ୱାରା ଏଠାରେ ନୂତନ ବାସଗୃହ ତଥା ଅନ୍ୟାନ୍ୟ ସରକାରୀ ପ୍ରକଳ୍ପ ନିର୍ମାଣ ହୋଇପାରୁନି। ସହରରେ ନୂଆ ଘର ନିର୍ମାଣ ପାଇଁ ଜମିଅଭାବ ଦେଖାଦେଉଥିବାରୁ, ଲୋକେ ସହର ଛାଡ଼ି ଅନ୍ୟତ୍ର ଘର ନିର୍ମାଣ କରିବାକୁ ବାଧ୍ୟ ହେଉଛନ୍ତି। ରାଉରକେଲାର ପୂର୍ବ ଗୌରବ ଫେରିପାଇବାକୁ ସହର ସଂପ୍ରସାରଣ ବା ଗ୍ରେଟର ରାଉରକେଲା ଏକାନ୍ତ ଜରୁରୀ। ସହର ସଂଲଗ୍ନ ଅଞ୍ଚଳ, ଯଥା-ଲାଠିକଟା, ନୂଆଗାଁ, କାଂଶବାହାଲ, କୁଆରମୁଣ୍ଡା, ବିଶ୍ରା ଯାଏ ସହରର ପରିସୀମା ବୃଦ୍ଧି କରି, ଗ୍ରେଟର ରାଉରକେଲାର ସ୍ୱପ୍ନକୁ ସାକାର କରାଯାଇପାରିବ। ଏହା ସମ୍ଭବ ହେଲେ ହିଁ ରାଉରକେଲାର କଳେବର ବୃଦ୍ଧି ପାଇବ।

## ଧନୁଆ ନଦୀରେ ଆସୁଥିବା ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ପ୍ରସ୍ତୁତ ହେଲା ରୋଡ଼ ମ୍ୟାପ



ଭୁବନେଶ୍ୱର,୫/୪: ଆଜି ଲୋକସେବା ଭବନର କାର୍ଯ୍ୟାଳୟରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଧନୁଆ ନଦୀର ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ପରିଡା ଧନୁଆ ନଦୀରେ ପ୍ରତିବର୍ଷ ଆସୁଥିବା ବନ୍ୟା ପରିସ୍ଥିତିର ସ୍ଥାୟୀ ପ୍ରତିକାର ଉପରେ ଆଲୋଚନା କରିବା ସହ ନିମାପଡା ଓ ପାଖାପାଖି ଅଞ୍ଚଳର କୃଷି ଓ ଜନଜୀବିକା କ୍ଷୟକ୍ଷତି ଉପରେ ମଧ୍ୟ ବିଶଦ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ସମେତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡ଼. ଚନ୍ଦ୍ର ଶେଖର ପାଢ଼ୀ ଓ ବିଭାଗୀୟ ସମ୍ପୃକ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ କି ଭାର୍ଗବୀ ନଦୀର ଅଚ୍ୟୁତପୁର କାଜ ଠାରୁ ଧନୁଆ ନଦୀ ବାଲିଅନ୍ତା ଓ ବାଲିପାଟଣା ଦେଇ ପୁରୀ ଜିଲ୍ଲାକୁ ପ୍ରଭାବିତ ହେଉଛି । ପୁରୀ ଜିଲ୍ଲାର ଦୁଃଖ ହୋଇ ଧନୁଆ ନଦୀର ବନ୍ୟା ପ୍ରତିବର୍ଷ ନିମାପଡା ଓ ପାଖାପାଖି ଅଞ୍ଚଳରେ ଜୀବନ ଜୀବିକା ଉପରେ ପ୍ରଭାବ ପକାଇଥାଏ । ଗାଁ ଗଣ୍ଡାରେ ବନ୍ୟା ପାଣି ପଶି ଶହ ଶହ ହେକ୍ଟର ଧାନ ଜମି, ପରିବା ଫସଲ ଜମି ନଷ୍ଟ କରିଥାଏ । ଧନୂଆ ନଦୀରେ ବନ୍ୟା ଆସିଲେ ବନ୍ୟା ଜଳ ନିଷ୍କାସନ ହେବା ପାଇଁ ଏକ ସପ୍ତାହ ରୁ ଅଧିକ ସମୟ ଲାଗିଥାଏ। ଯାହାଦ୍ୱାରା ନିମାପଡା ଏବଂ ଗୋପ ଅଞ୍ଚଳର ଅନେକ ପଞ୍ଚାୟତ ପ୍ରଭାବିତ ହୋଇଥାଏ ବୋଲି ଏହି ବୈଠକ ରେ ଶ୍ରୀମତୀ ପରିଡା ପ୍ରକାଶ କରିଥିଲେ। ଏହି କ୍ଷୟକ୍ଷତିକୁ ରୋକିବା ସହ ଚାଷୀ ଓ ସାଧାରଣ ଲୋକମାନଙ୍କର ଜୀବନ ଜୀବିକାକୁ ସୁରକ୍ଷା ଦେବା ନିମନ୍ତେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ସହ ବର୍ଷା ଋତୁ ଆସିବା ପୂର୍ବରୁ ଏହି ପ୍ଲାନକୁ କାର୍ଯ୍ୟକାରୀ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ